## ସଂକ୍ଷେପରେ

### ଭାଜପାର ସାଙ୍ଗଠନିକ ବୈଠକ

**ଜଳେଶ୍ୱର, ୯।୬(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ଭାଜପାର କାର୍ଯ୍ୟକର୍ତ୍ତାମାନେ ୨୦୧୯ ସାଧାରଣ ନିର୍ବାଚନର ଦଳୀୟ ସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ବିଗତ ନିର୍ବାଚନ ଅପେକ୍ଷା ଏହି ସାଧାରଣ ନିର୍ବାଚନରେ ଦଳର ସ୍ଥିତି ବେଶ ମଜବୁତ୍‌ରେ ପହଞ୍ଚିଛି। ଏପରିକି ଦଳ ଉକ୍ତ ପଞ୍ଚାୟତରୁ ୪୦ ପ୍ରତିଶତ ଭୋଟ ପାଇଛି। ଆଗାମୀ ଦିନରେ ଦଳର ସ୍ଥିତିକୁ ଅଧିକ ସୁଦୃଢ଼ କରାଯିବା ସହିତ ୧ ନଂ. ଦଳ ଭାବେ ଗଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପଞ୍ଚାୟତର କର୍ମୀ ସୁଦର୍ଶନ ପ୍ରଧାନ, ନିମାଇଁ ପ୍ରଧାନ, ମଧୁସୂଦନ ପ୍ରଧାନ, ରାଜେନ୍ଦ୍ର ଦାସ, ନିଶିତ ପ୍ରମାଣିକ, ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ପଞ୍ଚାୟତରେ ଦଳର ମଙ୍ଗ ଧରିବା ପାଇଁ ପୂର୍ବତନ ବାୟୁସେନା କର୍ମଚାରୀ ଗୌରାଙ୍ଗ ଦତ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ବିଧାୟକଙ୍କୁ ସମ୍ବର୍ଦ୍ଧନା



**ରେମୁଣା, ୯।୬(ଡି.ଏନ.ଏ.):** ରେମୁଣା ବ୍ଲକ ଅନ୍ତର୍ଗତ ଶେରଗଡ଼ ପଞ୍ଚାୟତର ବାସନ୍ତୀ ପଡ଼ିଆଠାରେ ଶନିବାର ସନ୍ଧ୍ୟାରେ ବିଜୁ ଜନତା ଦଳର ନବ ନିର୍ବାଚିତ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଦଳ ତଥା ବିଭିନ୍ନ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ପରିଡ଼ା ରେମୁଣା ନିର୍ବାଚନମଣ୍ଡଳୀରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ, ବିଶେଷତଃ କୋର୍ଟଙ୍କ ରହିତାଦେଶ ଯୋଗୁ ବନ୍ଦ ହୋଇପଡ଼ିଥିବା ‘ଆମ ଗାଁ ଆମ ବିକାଶ’ ଯୋଜନା ସହିତ ଅନ୍ୟାନ୍ୟ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟଗୁଡ଼ିକୁ ଯଥାଶୀଘ୍ର ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀଙ୍କର ହସ୍ତକ୍ଷେପ ଲୋଡ଼ି ସାରିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଆୟୋଜିତ ସଭାରେ ଦଳର ସଭାପତି ଆଇନଜୀବୀ ମହେଶ୍ୱର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ରବି ରାଉତ, ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ ନାୟକ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ରାଉତ, ସମିତିସଭ୍ୟ ଦୟାନିଧି ମହାପାତ୍ର, ନୂଆଗାଁ ସରପଞ୍ଚ ପ୍ରଭାତ ବାରିକ, ବରୁଣସିଂ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ବୀରେନ୍ଦ୍ର ରାଉତ, ମାୟାଧର ରାଉତ, ହରପ୍ରିୟା ପାତ୍ର, ସ୍ମିତାଧର ସେନାପତି, ପ୍ରଭାତ ନାୟକ, ଭରତ ପ୍ରଧାନ, ମହେଶ୍ୱର ମଣ୍ଡଳ, ଅନନ୍ତ ନାୟକ ପ୍ରମୁଖ ବରିଷ୍ଠ ଦଳର କର୍ମୀଙ୍କ ସହିତ ମହିଳା, ଯୁବକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

### ରଜ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି



**ବାଲେଶ୍ୱର ଅଫିସ, ୯।୬:** ବାଲେଶ୍ୱର ବାଲିଆ ଗ୍ରାମସ୍ଥ ରାଧାକ୍ରିଷ୍ଣ ମନ୍ଦିର ପ୍ରାଙ୍ଗଣରେ ବାଲିଆ ବିକାଶ ପରିଷଦ ତରଫରୁ ରଜ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖରେ ଦିବସବ୍ୟାପୀ ରଜ ଉତ୍ସବ ପାଳନ ହେବ ବୋଲି ବିକାଶ ପରିଷଦର ସମସ୍ତ ସଭ୍ୟାସଭ୍ୟମାନଙ୍କ ଉପସ୍ଥିତିରେ ସ୍ଥିର ହୋଇଛି। ଉତ୍ସବରେ ନୃତ୍ୟ ପ୍ରତିଯୋଗିତା, ଝୋଟି, ଶଙ୍ଖବାଦନ, ଚିତ୍ରାଙ୍କନ, କୌତୁକିଆ ବେଶ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ ଦୋଳି ଏବଂ ପିଠାର ରଜ ପର୍ବ ସହିତ ଯେଉଁ ସମ୍ପର୍କ ରହିଛି ତାହା ମଧ୍ୟ ସମ୍ପନ୍ନ ହେବ। ବୈଠକରେ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ସରପଞ୍ଚ ପୁଷ୍ପାଞ୍ଜଳି ଦାସ, ବୀରେନ୍ଦ୍ର ବିଶୋଇ, ସର୍ବେଶ୍ୱର ଦାସ, ମାନସୀ ନାୟକ, ପ୍ରତିମା ବେହେରା, ମନୋଜ ରାଜ, ପ୍ରିୟଦର୍ଶିନୀ ବେହେରା, ରଜନୀ ବ୍ରହ୍ମ, ଲକ୍ଷ୍ମୀଧର ସିଂ, ମାନସ ଦେ, କାଳିଆ ପଢ଼ିହାରୀ, ସ୍ୱୟଂପ୍ରଭା ମହାନ୍ତି, ଅର୍ଚ୍ଚନା ସ୍ୱାଇଁ ଓ ବିଜୟ କିଶୋର ପଢ଼ିହାରୀ ପ୍ରମୁଖ ଯୋଗଦେଇଥିଲେ।

# ‘ସମ୍ଭାବନା ବିକଶିତ ହେଲେ ମିଳିବ ନିଯୁକ୍ତି’



ସମୀକ୍ଷା ବୈଠକରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୯।୬**

- ମନ୍ତ୍ରୀପଦ ପାଇବା ପରେ ପ୍ରଥମ ବାଲେଶ୍ୱର ଗସ୍ତ
- ବିଭିନ୍ନ ଯୋଜନାର ସମୀକ୍ଷା କଲେ
- ପଶୁପାଳନ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଜିଲାକୁ ସ୍ୱାବଲମ୍ବୀ ଲାଗି ଶିଳ୍ପ ପ୍ରତିଷ୍ଠା ହେବ

କେନ୍ଦ୍ରରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀଧନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରବିବାର ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଅପରାହ୍ନରେ ସେ ଜିଲାପାଳ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ଅବସରରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାବାସୀଙ୍କ ତରଫରୁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ମନ୍ତ୍ରୀ ଷଡ଼ଙ୍ଗୀ ସମୀକ୍ଷା ବୈଠକରେ କହିଥିଲେ ବାଲେଶ୍ୱର ଜିଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିର ଯଥେଷ୍ଟ ସମ୍ଭାବନା ଓ ସୁଯୋଗ ରହିଛି। ଜିଲାରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏ ସମ୍ପର୍କିତ ଭିଜନ ଡକୁମେଣ୍ଟ, ବ୍ଲୁ-ପ୍ରିଣ୍ଟ, ବ୍ୟୟ ଅଟକଳ ଓ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିବାକୁ ସେ ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବୈଠକରେ ଡିଆଇସି ଜିଏମ ହରିହର ଜେନା ଜିଲାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଏବଂ ସୁବିଧା ଯୋଗାଇ ଦେବା ଏବଂ ଉତ୍ପାଦିତ ସାମଗ୍ରୀର ବିପଣନ ଦିଗରେ କେନ୍ଦ୍ରସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଜିଲାକୁ ସ୍ୱାବଲମ୍ବୀ କରିବା ସକାଶେ ପଦକ୍ଷେପ ନିଆଯିବ। ଏ ସମ୍ବନ୍ଧିତ ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ଉଦ୍ୟମ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ମଦନମୋହନ ଦତ୍ତ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ବିଭାଗୀୟ ଅଧିକାରୀ, ଶିଳ୍ପ ଓ ବାଣିଜ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ

**ଖଇରା, ୯।୬(ଡି.ଏନ.ଏ.)**

ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପାଣିଗ୍ରାହୀ ବ୍ଲକର ଡୁଙ୍ଗୁରାଠାରେ କହ୍ନେଇ ନାଳ ଉପରେ ୨କୋଟି ୬୨ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ପରେ ଅର୍ଜୁନପୁରଠାରେ ୪କୋଟି ୯୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାପରେ ମହତୀପୁର ପଞ୍ଚାୟତର ଚକମହାସମପୁରର ଖଣ୍ଡାଧାର ନଦୀ ଉପରେ ୨କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ବିଜୁସେତୁ ଶିଳାନ୍ୟାସ କରିଛନ୍ତି। ସେଠାରେ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ରହି ମନ୍ତ୍ରୀ ପାଣିଗ୍ରାହୀଙ୍କୁ ଶଙ୍ଖ, କରତାଳି ସ୍ୱାଗତ କରିବା ସହ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହିତ ଓଝାପୋଖରୀଠାରୁ ସାରଡ଼ାଙ୍ଗ ରାସ୍ତାର ଉନ୍ନତିକରଣ ପାଇଁ ରାସ୍ତାର ଶିଳାନ୍ୟାସ କରିଥିଲେ। ମନ୍ତ୍ରୀ ପାଣିଗ୍ରାହୀଙ୍କ ସମେତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ତହସିଲଦାର ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଜିଲାପରିଷଦ ସଭ୍ୟା ଲୋପାମୁଦ୍ରା ଧର, ଜୟନ୍ତୀ ମହଲା, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ନିର୍ବାହୀଯନ୍ତ୍ରୀ ପ୍ରତାପ ମହାନ୍ତି, ପଳସା ସରପଞ୍ଚ ପଙ୍କଜିନି ଦାସମହାପାତ୍ର, ପ୍ରହଲ୍ଲାଦ ପତି, ମାନସ ଦାଶ, ରଶ୍ମିତା ମହାପାତ୍ର, ସୁଶାନ୍ତ ମହାକୁଡ଼ ଓ ବିଷ୍ଣୁପଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଓ ଏମ୍‌ପି।

## ମିଳିଲାନି ସରକାରୀ ସହାୟତା

# ଆଖି ବୁଜିଲେ ଲକ୍ଷ୍ମୀକାନ୍ତ

**ସିମୁଳିଆ, ୯।୬(ଡି.ଏନ.ଏ.)**

ରାଜ୍ୟ ସରକାର ନା କେନ୍ଦ୍ରସରକାର। କୌଣସି ସରକାରୀ ସହାୟତା ପହଞ୍ଚି ପାରିଲା ନାହିଁ। ସହାୟତାକୁ ଚାହିଁ ଚାହିଁ ଶେଷରେ ଶନିବାର ରାତିରେ ଆଖି ବୁଜିଲେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ବଣା ଶାସନ ଅଞ୍ଚଳର ୩୩ ବର୍ଷୀୟ ଲକ୍ଷ୍ମୀକାନ୍ତ ପତ୍ରୀ।

ମା’ବାପାଙ୍କ ସମେତ ୫ ଭଉଣୀଭାଇଙ୍କ ପୋଷଣ ପାଇଁ ଲକ୍ଷ୍ମୀକାନ୍ତ ମାଟ୍ରିକ୍ ପରେ ଘରୁ ଗୋଡ଼ କାଢ଼ିଥିଲେ। ଚେନ୍ନାଇର ଏକ ଘରୋଇ କମ୍ପାନୀରେ ୧୨ବର୍ଷ କାମ କରିବା ପରେ ବମ୍ବେ ଚାଲି ଆସିଥିଲେ। ସେଠାରେ ଏକ ହୋଟେଲରେ ୩ବର୍ଷ କାମ କରିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଗତ ୨୦୧୮ ଜାନୁଆରୀରେ ସେ ଘରକୁ ଫେରି ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ସମ୍ପର୍କରେ ସୂଚନା ପାଇଥିଲେ। ତେବେ ତାଙ୍କ ମା’ ଓ ବାପାଙ୍କ ବୟସ ଅଧିକ ହୋଇଯାଇଥିବାରୁ ସେମାନେ ପୁଅକୁ କିଡ୍‌ନୀ ଦେଇପାରିବେ ନାହିଁ ବୋଲି ଡାକ୍ତର ସୂଚନା ଦେଇଥିଲେ। ପୁଅର ଚିକିତ୍ସା ପାଇଁ ମା’ବାପା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ ଉଧାର କରିଥିଲେ। ବଞ୍ଚିବା ପାଇଁ ଲକ୍ଷ୍ମୀକାନ୍ତଙ୍କୁ ସପ୍ତାହରେ ୨ଥର ଡାଓଲିସିସ କରିବା ପାଇଁ ପଡୁଥିଲା। ଏହି ରୋଗୀମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାର ନିୟମ ଥିଲେ ହେଁ ଜିଲା ମେଡ଼ିକାଲ କର୍ମଚାରୀମାନେ ତାଙ୍କୁ ବାରମ୍ବାର ପରେ ଆସିବା ପାଇଁ କହି ହଇରାଣ କରୁଥିବା ସେ କହିଥିଲେ। ଏ ସମ୍ପର୍କରେ ଏକ ରିପୋର୍ଟ ଧରିତ୍ରୀରେ ୨୦୧୮ ନଭେମ୍ବର ୧୬ ତାରିଖରେ ପ୍ରକାଶ କରାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅପରପକ୍ଷେ ଗତ ନିର୍ବାଚନରେ ଭୋଟ୍ ଦେବା ପାଇଁ ଯାଇଥିବାବେଳେ ଲକ୍ଷ୍ମୀକାନ୍ତଙ୍କ ବାପା ନାରାୟଣ ପତ୍ରୀ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା।



ଲକ୍ଷ୍ମୀକାନ୍ତଙ୍କ ଫାଇଲ ଫଟୋ।

## ସଦର ବିଧାୟକଙ୍କୁ ସମ୍ବର୍ଦ୍ଧନା

**ରୂପ୍‌ସା, ୯।୬(ଡି.ଏନ.ଏ.)**

ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ବୁଧବାର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କସିପଦା, ରୂପ୍‌ସା, ଆଙ୍କୋ ପଞ୍ଚାୟତ ଗସ୍ତ କରି ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତ ପଞ୍ଚାୟତର ସାମଗ୍ରିକ ବିକାଶ ଦିଗରେ ସେ ଗୁରୁତ୍ୱ ଦେବେ ବୋଲି ସମ୍ବର୍ଦ୍ଧନା ସଭାରେ ଗୁରୁତ୍ୱାରୋପ କରିଛନ୍ତି। ସରପଞ୍ଚ ଅନୀତା ବେହେରା, ସମିତିସଭ୍ୟା ଅଭିପ୍ସା ନାୟକ, ମଣ୍ଡଳ ସଭାପତି ତପନ କୁମାର ବେହେରା, ଶ୍ରୀଧର ବେହେରା, ଯୁବନେତା ରଶ୍ମିରଞ୍ଜନ ଜେନା, ନିରଞ୍ଜନ ପରିଡ଼ା, ଜଳଧର ପରିଡ଼ାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ବିଧାୟକ ଦତ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଧାୟକ ଦତ୍ତଙ୍କ ସହ ମିଡ଼ିଆ ପ୍ରଭାରୀ ଗୌରାଙ୍ଗ ଦାସ, ଜିଲା ଉପସଭାପତି ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ସମୀକ୍ଷା ବୈଠକ

**ବାହାନଗା, ୯।୬(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁରଠାରେ ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ନବାଗତ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ଅଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବ୍ଲକ ମହିଳା ସଭାପତି ସଂଯୁକ୍ତା ମିଶ୍ର , ଜିଲା ବିଜୁ ମହିଳା ନେତ୍ରୀ ସବିତା ଅଗସ୍ତି , ଜିଲା ଉପସଭାପତି ପ୍ରଦୀପ ଜେନା, ଶିଶିର ଅଗସ୍ତି, ନୀଳାମ୍ବର ମହାଳିକ, ଗିରିଶ ଚନ୍ଦ୍ର ଦାଶ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି , ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଯୁବ ବିଜେଡି ସଭାପତି ଲକ୍ଷ୍ମୀଧର ଶିଅଳ, ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ବିଜେଡି ନେତା ଅନିରୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସୋରରେ ପୁନର୍ବାର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ପର୍ଶୁରାମ ଧଡା ଓ ଭଦ୍ରକ ସଂସଦୀୟ କ୍ଷେତ୍ରରେ ନବ ନିର୍ବାଚିତ ମହିଳା ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ୧୯ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା /ସଭ୍ୟ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ନେତା ଯୋଗଦେଇ ନବନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ନିର୍ବାଚନରେ କମ୍ ଭୋଟ ମିଳିବାର କାରଣ ବାବଦରେ ସମୀକ୍ଷା କରାଯାଇଥିଲା। ତେବେ ଆଗାମୀ ଦିନରେ ଦଳକୁ ବାହାନଗା ବ୍ଲକ ରେ ସୁସଙ୍ଗଠିତ କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା।



ଆସୁଛି ରଜ: ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ପିଲାମାନେ ରାସ୍ତାକଡ଼ରେ ଏକ ଗଛରେ ଦୋଳି ବାନ୍ଧି ଝୁଲୁଛନ୍ତି। (ଫଟୋ: ସନ୍ତୋଷ)

# ବସ୍ତା ରକ୍ତଦାତା ସଂଘ ଗଠିତ

**ବସ୍ତା, ୯।୬(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ରକ୍ତଦାତା ସଂଘର ଆହ୍ୱାନକ୍ରମେ ସ୍ଥାନୀୟ ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସମ୍ମାନନୀୟ ଅତିଥି ଭାବେ ଇଂ. ହୃଷିକେଶ ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ନରେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଆଗାମୀ ଦିନରେ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତ ବିନା କାହାରିକୁ ମରିବାକୁ ଦେବା ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ନୂତନ ସଂଘର କର୍ମକର୍ତ୍ତା ଭାବେ ଶଙ୍କର କୁମାର କର ସଭାପତି, ଡ. ପ୍ରଦୀପ କୁମାର ମିଶ୍ର ଉପସଭାପତି, ସମ୍ପାଦକ ଗଗନ ବିହାରୀ ଜେନା, ଯୁଗ୍ମସମ୍ପାଦକ ସ୍ୱରୂପ ବେହେରା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ା, ମୁଖ୍ୟ ଉପଦେଷ୍ଟା ନାରାୟଣ ଦାସ ଓ ଶ୍ୟାମାପ୍ରସାଦ ବେହେରା ରହିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଶାନ୍ତ କୁମାର ପୃଷ୍ଟି, ଅଞ୍ଜନ କୁମାର ମହାନ୍ତି, ଅପ୍ରମିତା ଦାସ, ଅନୀଲ କୁମାର ମହାନ୍ତି ଓ ବିରାଜ ସିଂଦେଓ ଭାବେ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୀତବାସ ବାରିକ ଓ ସୁକୁମାର ଦାସ ସଂଯୋଜନା କରି ଥିବା ବେଳେ ଶ୍ରୀପତି ଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ରକ୍ତଦାତା ସଂଘର କର୍ମକର୍ତ୍ତା।

# ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ସିମୁଳିଆ, ୯।୬(ଡି.ଏନ.ଏ.)**

ସିମୁଳିଆ ବିଧାୟକ ତଥା ପର୍ଯ୍ୟଟନ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରବିବାର ମଧ୍ୟାହ୍ନରେ ସିମୁଳିଆ ତହସିଲ ସମ୍ମୁଖରେ ଏକ ନୂତନ ଗୃହ ସମେତ ରାମ୍ପୋ ପଡ଼ିଆରେ ନିର୍ମିତ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଶୁଭ ଉନ୍ମୋଚନ କରିଛନ୍ତି। ତହସିଲ ସମ୍ମୁଖରେ ଏହି ଗୃହ ୧କୋଟି ୭୫ଲକ୍ଷ ୫୬ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ବେଳେ ଆଦର୍ଶ ବିଦ୍ୟାଳୟ ୪କୋଟି ୬୬ଲକ୍ଷ ୬୫ହଜାର ଟଙ୍କାରେ ନିର୍ମିତ ହେବ। ଏହି କାର୍ଯ୍ୟକ୍ରମରେ ତହସିଲଦାର ରବିନାରାୟଣ ସାହୁ, ବିଡିଓ ଡ. ନରହରି ବେହେରା, ବ୍ଲକ ଅଧ୍ୟକ୍ଷା ଧରିତ୍ରୀ ମହାରଣା, ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, କ୍ଷୀତିଶ କୁମାର ମହାନ୍ତି, ସରୋଜିନୀ ମହାପାତ୍ର ଓ ଗୀତାରାଣୀ ଦାସ ପ୍ରମୁଖ ଲୋକପ୍ରତିନିଧି ଓ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ପଶ୍ଚିମବଙ୍ଗରୁ ଅବାଧରେ ଆସୁଛି ଚୋରା ମଦ

**ବାଲିଆପାଳ,୯।୬(ଡି.ଏନ.ଏ.)**

- ଟାର୍ଗେଟ ପୂରଣ ଲକ୍ଷ୍ୟରେ ଅବକାରୀ ବିଭାଗ
- ମଦ ବିରୋଧୀ ଆନ୍ଦୋଳନକାରୀଙ୍କୁ ଉପେକ୍ଷା
- ବିଦେଶୀ ମଦ ନାଁରେ ନକଲି ବିକ୍ରି ଅଭିଯୋଗ

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦର ବନ୍ୟା ଛୁଟିଛି। ପଡ଼ୋଶୀ ପଶ୍ଚିମବଙ୍ଗରୁ ପ୍ରତିଦିନ ଚୋରାରେ ବହୁ ଦେଶୀ, ବିଦେଶୀମଦ ଏଠାକୁ ଆଣି ବିକ୍ରି କରାଯାଉଛି। ସେମାନେ ବିଭିନ୍ନ ଗ୍ରାମାଞ୍ଚଳ ରୁଟ୍ ଦେଇ ଅବାଧରେ ମଦ ଆଣି ପହଞ୍ଚାଉଛନ୍ତି। ବିଦେଶୀ ମଦ ନାଁରେ ନକଲି ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ପ୍ରତିକାର କରାଯାଉ ନାହିଁ।

ବାଲିଆପାଳ ବ୍ଲକରେ ୩ଟି ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ଏବଂ ଗୋଟିଏ ଠିପିଖୋଲା ବିଦେଶୀ ମଦ ଦୋକାନ ରହିଛି। ଏହାବାଦ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଚୋରା, ବେଆଇନ ମଦ ଦୋକାନ ଚାଲିଛି। ଅବକାରୀ ବିଭାଗ ଟାର୍ଗେଟ ପୂରଣ ଲକ୍ଷ୍ୟରେ ବ୍ୟସ୍ତ ରହୁଥିବାରୁ ଚୋରାମଦ କାରବାର ରୋକିବାକୁ ପଦକ୍ଷେପ ନେଉ ନାହିଁ। ମଦ ବିରୋଧରେ ଆନ୍ଦୋଳନ କରୁଥିବା ମହିଳାମାନଙ୍କୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି ସହାୟତା କରାଯାଉ ନ ଥିବା ଅଭିଯୋଗ ହେଉଛି। ଏପରି କି ମଦ ବିରୋଧୀ ମହିଳା ଚୋରା ବେପାରୀଙ୍କୁ ଧରି ଅବକାରୀ ବିଭାଗକୁ ଖବର ଦେଲେ କେହି ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନାହାନ୍ତି। ଏହି ବ୍ଲକ ଅଧୀନ ଅଳାଡ଼ିହା ଗ୍ରାମର ଜଣେ ଚୋରା ମଦ ବେପାରୀଙ୍କ ଘରକୁ ସମ୍ପ୍ରତି ମହିଳାମାନେ ଘେରାଉ କରି ଅବକାରୀ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ଘଟଣାସ୍ଥଳକୁ କେହି ଆସି ନ ଥିଲେ। ଶେଷରେ ମହିଳାମାନେ ଜବତ ମଦକୁ ଧରି ୧୨ କି.ମି. ଦୂର ବାଲିଆପାଳ ଥାନାକୁ ଯାଇଥିଲେ। ‘ଆମ ନିକଟରେ କିଛି କ୍ଷମତା ନାହିଁ’ କହି ପୋଲିସ ସେମାନଙ୍କୁ ଫେରାଇ ଦେଇଥିଲା। ଏଭଳି ଘଟଣା ଆନ୍ଦୋଳନକାରୀଙ୍କ ମନୋବଳକୁ ଭାଙ୍ଗି ଦେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଓଡ଼ିଶା ନିଶା ନିବାରଣ ଅଭିଯାନ ବାଲିଆପାଳ ଶାଖାର ସଭାପତି ନାରାୟଣ ପ୍ରସାଦ ସାହୁ, ରାଜ୍ୟ ଉପସଭାପତି ଡ. ଅଦୈତ୍ୟ ପାତ୍ର,ସଦସ୍ୟ ଅରବିନ୍ଦ ବେହେରା, ଧୀରେନ୍ଦ୍ର ନାଥ କରଣ, କ୍ଷିତୀଶ ଜେନା, ଜୀବନ ଦାସ, କୁଶଧ୍ୱଜ ଜେନା, ଅର୍ଜୁନ ବାରିକ,ବିଜୟ ଗିରି, ସନ୍ୟାସୀ ବେହେରା ପ୍ରମୁଖ ଅନୁରୂପ ଅଭିଯୋଗ କରି ଚୋରା ମଦର ବନ୍ୟାକୁ ରୋକିବା ଲାଗି ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ବାଲିଆପାଳ ଅଞ୍ଚଳରେ ଚୋରା ମଦର ପ୍ରସାର ଯୋଗୁ ବିଭିନ୍ନ ଅପରାଧ ଘଟଣା ଦିନକୁ ଦିନ ବଢି ଚାଲିଛି। ପଶ୍ଚିମବଙ୍ଗରୁ ଅଣାଯାଉଥିବା ବା ମଦ ଅସଲି କି ନକଲି ତାହାକୁ ଯାଞ୍ଚ କରାଯାଉ ନାହିଁ। ଏହି କାରଣରୁ ଏଠାରେ ମଦମୃତ୍ୟୁ ଘଟିବା ଆଶଙ୍କା କରାଯାଉଛି। ମଦ ବିରୋଧୀ ସଂଗଠନର କେତେକ କର୍ମକର୍ତ୍ତା କହିଛନ୍ତି ଯେ, ଟାର୍ଗେଟ ପୂରଣ ଲାଗି ଅବକାରୀ ବିଭାଗ ଚାପ ପକାଉଥିବାରୁ କେତେକ ଲାଇସେନ୍ସପ୍ରାପ୍ତ ମଦଦୋକାନୀ ଗ୍ରାମାଞ୍ଚଳରେ୨୦ରୁ ୩୦ ଜଣ ଲେଖାଏ ଛୋଟ ମଦବେପାରୀଙ୍କୁ ନିଯୁକ୍ତି ଦେଇ ମଦ ବିକୁଛନ୍ତି। ଖୁଚୁରା ବେପାରୀମାନେ ବିଦେଶୀ ମଦ କିଣି ଗାଁଗଣ୍ଡାରେ ବୋତଲ ପିଛା ୧୦ରୁ ୨୦ଟଙ୍କା ଅଧିକ ଦାମ୍‌ରେ ବିକ୍ରି କରୁଛନ୍ତି। ପୂର୍ବରୁ ଚୋରା ମଦ ବେପାରୀଙ୍କୁ ଧରିବା ସକାଶେ ପୋଲିସ ମଝିରେ ମଝିରେ ଚଢ଼ାଉ କରୁଥିଲା। ବର୍ତ୍ତମାନ ତାହା ବନ୍ଦ ହୋଇଯିବାରୁ ମଦବେପାରୀଙ୍କୁ ବେଶ୍ ସୁହାଉଛି। ବସ୍ତା ଓ ବାଲେଶ୍ୱରରୁ ଅବକାରୀ କର୍ମଚାରୀ ଆସି ବାଲିଆପାଳରେ ପହଞ୍ଚିବା ବେଳକୁ ଚୋରା ବେପାରୀମାନେ ସହଜରେ ଖସିଯାଉଛନ୍ତି।

## ସଂକ୍ଷେପରେ

### ଠାକୁରମୁଣ୍ଡାରେ ଏମପିଙ୍କୁ ସମ୍ବର୍ଦ୍ଧନା

**ଠାକୁରମୁଣ୍ଡା,୯।୬(ଡି.ଏନ.ଏ)-** ଠାକୁରମୁଣ୍ଡାଠାରେ କେନ୍ଦୁଝର ଲୋକ ସଭା ଏମପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ରବିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ଏମପି ମୁର୍ମୁ ସମର୍ଥକଙ୍କ ସହ ରୁଗୁଡିବେଡାରେ ପହଞ୍ଚିବା ପରେ ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ଦଳର ଜିଲା ଉପସଭାପତି ଅଞ୍ଜନ କୁମାର ମହାନ୍ତ ଓ ବିଜେଡି ବ୍ଲକ ସଭାପତି ନନ୍ଦକିଶୋର ବାରିକଙ୍କ ସମେତ ମହିଳା, ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ସମର୍ଥକ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ରୁଗୁଡିବେଡାଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବାସୁଳୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ଶୋଭାଯାତ୍ରାରେ ବାହାରି ହନୁମାନ ଛକ ଦେଇ ଯୋଡାମ୍ବସ୍ଥିତ ମା' ଖଲିଆରୀ ପୀଠରେ ପହଞ୍ଚି ଥିଲେ। ସେଠାରେ କର୍ମୀ ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ନନ୍ଦକିଶୋର ବାରିକ୍ଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଞ୍ଜନ କୁମାର ମହାନ୍ତ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ବିଜୟ କୁମାର ନାଏକ ଏବଂ ଏମପି ମୁର୍ମୁ ଉଦବୋଧନ ଦେଇଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଠାକୁରମୁଣ୍ଡାବାସୀଙ୍କ ଭଲ ପାଇବାକୁ ନେଇ ଅତ୍ୟନ୍ତ ଆନନ୍ଦିତ ବୋଲି ଏମପି ମୁର୍ମୁ କହିଥିଲେ। କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଷ୍ଟିଲପ୍ଲାଣ୍ଟ ସ୍ଥାପନ ପାଇଁ ସେ ଯଥାସାଧ ଉଦ୍ୟମ କରିବେ ବୋଲି କହିଥିଲେ ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବେତନଟୀ,୯।୬(ଡ଼ି.ଏନ.ଏ)-** ବେତନଟୀସ୍ଥିତ ମା ତାରିଣୀ କୋଚିଙ୍ଗ ସେଣ୍ଟର ପରିସରରେ ଶନିବାର ନବାଗତ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଉମାକାନ୍ତ ସାହୁ, କମଳାକାନ୍ତ କବାଟ, ଜନମନ ବେହେରା, ପ୍ରସିଲ କୁମାର ବେହେରା, ନବକୃଷ୍ଣ ମହାନ୍ତ, କାହ୍ନୁ ଚରଣ ଗାଆଣ, ଈଶ୍ୱର ମହାନ୍ତ , ଅନିତା ବିନ୍ଧାଣୀ, ସଙ୍ଗିତା ସାହୁ, ସୁଲେଖା ଦାସ, ଲଳିତ କୁମାର ବାରିକ , କାଶ୍ମିର ଖାତୁନ , ବିଦ୍ୟୁତପ୍ରଭା ସାହୁ ମଞ୍ଚାସୀନ ରହି ପିଲାମାନଙ୍କୁ ବକ୍ତବ୍ୟ ମାଧମରେ ଉଚ୍ଚ ଶିକ୍ଷିତ ହେବା ପାଇଁ ଉପଦେଶ ଦେଇଥିଲେ।

### ଯୁବକଙ୍କ ମୃତ୍ୟୁ

**କୁଳିଅଣା,୯।୬(ଡି.ଏନ୍.ଏ.)-** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ବାଲିଡ଼ିହା ଗ୍ରାମର ବିଜୟ କୁମାର ପ୍ରଧାନଙ୍କ ରକ୍ତଚାପ ଜନିତ ଅକାଳ ମୃତ୍ୟୁ ଘଟିଛି। ମୃତ ବିଜୟଙ୍କ ବ୍ଲଡ୍‌ପ୍ରେସର ଥିଲା । ହଠାତ୍ ସେ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା ( ନଂ.୧୩/୧୯) ରୁଜୁ ହୋଇଛି।

# 'ସ୍ମୃତିରେ ନନ୍ଦିନୀ' କବିତା ପାଠୋତ୍ସବ



ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବରେ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ବାରିପଦା ଅଫିସ,୯।୬**

ମୟୂରଭଞ୍ଜ ଜିଲା ବାରିପଦା ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ରବିବାର ପାଳନ କରାଯାଇଥିଲା । ସମାରୋହରେ ଡ.ସରୋଜ କୁମାର ନାୟକ ପୌରୋହିତ୍ୟ କରିଥିଲେ । ମିସନ୍ସ ସାଇନ୍ସ ଏକାଡେମୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ସ୍ମୃତିରେ ନନ୍ଦିନୀ' ଶୀର୍ଷକରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ନନ୍ଦନୀ ଶତପଥୀଙ୍କ ଜୀବନାଦର୍ଶ ଓ ତାଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ । ମହିଳାମାନଙ୍କୁ ଘରର ଚାରିକାନ୍ଥ ମଧ୍ୟରୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ତାଙ୍କର ଲକ୍ଷ୍ୟ ଥିଲା । ଏଥିପାଇଁ ଶାସନ କ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ । ବାରିପଦା ରଥଯାତ୍ରାରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୭୫ରେ ଏହି ପରମ୍ପରା ଆରମ୍ଭ ହୋଇଥିଲା । ଏଥିରେ ନନ୍ଦିନୀଙ୍କ ଭୂମିକା

**■ ବାରିପଦାରେ ଜୟନ୍ତୀ ସମାରୋହ**

ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମୁଖ୍ୟ ଅତିଥି ମିଶ୍ର କହିଥିଲେ । ଏହି କାର୍ଯ୍ୟକ୍ରମରେ ବାଗୁଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷକ ଡ. ମନତୋଷ ପତି ମୁଖ୍ୟବକ୍ତା ଏବଂ ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ଓ ସଂଗଠକ ଅଚ୍ୟୁତ ପ୍ରସାଦ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ନନ୍ଦିନୀ ଦେବୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ନନ୍ଦିନୀ ଦେବୀଙ୍କ ଅମରଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା । କବିତା ପାଠୋତ୍ସବରେ କବିଙ୍କ ପଦାବଳୀରେ ନନ୍ଦିନୀଙ୍କ ସ୍ମୃତି ତାଜା ହୋଇ ଉଠିଥିଲା । କାର୍ଯ୍ୟକ୍ରମରେ ପ୍ରୀତିପର୍ଣ୍ଣା ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜିବୀ ଯୋଗ ଦେଇଥିଲେ ।

## ରାଜ୍ୟସ୍ତରୀୟ ଥ୍ରୋ ବଲ୍ ରେଫରି ପରୀକ୍ଷା ଉଦ୍‌ଯାପିତ

**ବାରିପଦା ଅଫିସ,୯।୬**




ପରୀକ୍ଷାରେ ସାମିଲ ପରୀକ୍ଷାର୍ଥୀ ବୃନ୍ଦ ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ଦିନ ଧରି ଚାଲିଥିବା ଥ୍ରୋ ବଲ ରେଫରି ପରୀକ୍ଷା ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଓଡ଼ିଶା ଥ୍ରୋ ବଲ୍ ସଂଘର ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ରେଫେରି ବୋର୍ଡର ମୁଖ୍ୟ ତଥା ଓଡ଼ିଶା ଥ୍ରୋ ବଲ ସଂଘର ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଓଡ଼ିଶା ଥ୍ରୋ ବଲର ସଂଘର ଯୁଗ୍ମ ସମ୍ପାଦକ ସୁନୀଲ କୁମାର ମହାନ୍ତ ଏବଂ ମୟୂରଭଞ୍ଜ ଜିଲାର ଶାରୀରିକ ଶିକ୍ଷକ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଦୀପକ ରାମ ପ୍ରମୁଖ ଯୋଗଦେଇଥିଲେ। ରେଫେରି ପରୀକ୍ଷାର ପ୍ରାକ୍ଟିକାଲ, ଥିଓରୀ, ମୌଖିକ ପରୀକ୍ଷା ଓ ଅଫିସିଏଟିଂରେ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀମାନଙ୍କୁ ଜୁଲାଇ ମାସ ଶେଷରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ରାଜ୍ୟ ରେଫେରି ପରିଚୟପତ୍ର ଏବଂ ଅଫିସିଏଟିଂ କିଟ୍ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ କ୍ରୀଡାବିତ ଜୟନ୍ତ କୁମାର ମହାନ୍ତ, ଜିତେନ ବହାଦୂର ଲାମା, ବାସ ଚରଣ ବାନାରା ପ୍ରମୁଖ ପରିଚାଳନା କରିଥିଲେ।

## ଭାଜପାର ମଣ୍ଡଳସ୍ତରୀୟ କର୍ମୀ ବୈଠକ

**ଖୁଣ୍ଟା,୯।୬(ଡି.ଏନ.ଏ)**

ବାରିପଦା ନିର୍ବାଚନ ମଣ୍ଡଳୀ ଅଧିନ ଖୁଣ୍ଟା ବ୍ଲକର କନ୍ହେଇବନ୍ଧ ବଡ଼ାମ ମଣ୍ଡପଠାରେ ଭାଜପାର ମଣ୍ଡଳସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୩ ନଂ ଜିଲ୍ଲା ପରିଷଦ ଜୋନର ସଦସ୍ୟ ଭି ଏସ ଜ୍ୟୋତି ସଂଗ୍ରାମ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମଣ୍ଡଳ ଅଧୀନ ୬ଟି ପଞ୍ଚାୟତର ଦଳୀୟ କର୍ମୀ ଯୋଗ ଦେଇଥିଲେ । ବରିଷ୍ଠ ନେତା ବସନ୍ତ ଆଚାର୍ଯ୍ୟ ଗତ ସାଧାରଣ ନିର୍ବାଚନରେ କର୍ମୀମାନଙ୍କ ଅକ୍ଳାନ୍ତ




ପରିଶ୍ରମ ଯୋଗୁ ବାରିପଦା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିବାରୁ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିବା ନୂତନ କର୍ମୀମାନଙ୍କର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ବିଜେଡି ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକରେ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ଦୁର୍ନୀତି ଓ ଶୋଷଣ ପ୍ରତି ସଜାଗ ରହିବା ପାଇଁ କହିଥିଲେ । ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ଓ ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ବରିଷ୍ଠ କର୍ମୀ ପଦ୍ମଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମପି ଓ ବିଧାୟିକାଙ୍କୁ ଦାବିପତ୍ର

**କପ୍ତିପଦା,୯।୬(ଡି.ଏନ.ଏ)**

କେନ୍ଦୁଝର ଲୋକ ସଭା ଏମପି ଚନ୍ଦ୍ରାଣୀ ମୁର୍ମୁ ଓ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ କପ୍ତିପଦା ବ୍ଲକ୍ ଅଧୀନସ୍ଥ ଆଦିବାସୀ ବହୁଳ ୯ଟି ପଞ୍ଚାୟତ ଗସ୍ତରେ ଆସିଥିବା ବେଳେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀଙ୍କ ପକ୍ଷରୁ ସେମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଅନ୍ତୋଦ୍ୟ ଚେତନାମଣ୍ଡଳୀ ପରିସରରେ ସେମାନେ କର୍ମୀ ଓ ଜନସାଧାରଣଙ୍କ ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶରତଠାରେ ଥିବା +୨ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟକୁ ଆପଗ୍ରେଡ କରାଯାଇ ତାହା କିପରି +୩ ଡିଗ୍ରୀ କଲେଜରେ ପରିଣତ ହୋଇ ପାରିବ ସେଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଧାୟିକା ଓ ସାଂସଦଙ୍କୁ ଦାବିପତ୍ର ଦିଆଯାଇଛି । ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଏହା ଏକ ମାତ୍ର ମଧ୍ୟମ ହୋଇଥିବା ବେଳେ ଏହାର ୪୦ କି.ମି ଦୂରତ୍ୱ ମଧ୍ୟରେ ଅନ୍ୟ କୌଣସି ମହାବିଦ୍ୟାଳୟ ନାହିଁ । ତେଣୁ ପ୍ରାଥମିକତା ଦୃଷ୍ଟିରେ ଏହାକୁ ଗୁରୁତ୍ୱର ସହିତ ବିଚାରି କରି ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।



ବିଧାୟିକା ଓ ଏମପିଙ୍କୁ ସ୍ୱାଗତ କରାଯାଉଛି ।

## ସେଲ୍ଫି କର୍ଣ୍ଣର



ଶମ୍ଭୁ



ଜୟନ୍ତ




ପ୍ରକାଶ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଗାଡ଼ି ଚଢ଼ିଗଲା: ଜଣେ ମୃତ, ୨ ଗୁରୁତର

**ଧାମନଗର,୯।୬(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ରାସ୍ତାରେ ରବିବାର ସନ୍ଧ୍ୟାରେ ଗାଡ଼ି ଚଢ଼ିଯିବାରୁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ନାରାୟଣପୁର ଗ୍ରାମର ସୌଭାଗ୍ୟ ଧଳଙ୍କର ଭଦ୍ରକ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ସନ୍ତୋଷ ଜେନା ଏବଂ ଦୁର୍ଗାପ୍ରସନ୍ନ ପଣ୍ଡା ଚିକିତ୍ସାଧୀନ ଅଛନ୍ତି। ଏହି ୩ ସାଙ୍ଗ ନାରାୟଣପୁର ଛକରେ ଠିଆ ହୋଇଥିବା ବେଳେ ଏକ ମିନିଟ୍ରକ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌଭାଗ୍ୟଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅଟକ ରଖିଥିଲେ। ଏହାକୁ ନେଇ ନାରାୟଣପୁର ଛକରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ପରେ ଲୋକେ ଗାଡ଼ିସହ ଡ୍ରାଇଭରଙ୍କୁ ଧାମନଗର ଥାନା ପୋଲିସ ଜିମା ଦେଇଛନ୍ତି।

## 'ହୃଦୟବତ୍ତା, ମାନବିକତା ଚିକିତ୍ସକଙ୍କ ପ୍ରକୃତ ଭୂଷଣ'




ଅତିଥିମାନେ ସ୍ମରଣିକା 'ସ୍ମୃତିରେ ଗତାୟୁ ଗଜେନ୍ଦ୍ର'କୁ ଲୋକାର୍ପଣ କରୁଛନ୍ତି।

**ଭଦ୍ରକ ଅଫିସ,୯।୬**

ଜଣେ ସଫଳ ଡାକ୍ତର କେବଳ ଚିକିତ୍ସକ ନୁହନ୍ତି, ସେ ମାନବିକତା ଓ ହୃଦୟବତ୍ତାର ପ୍ରକୃଷ୍ଟ ପ୍ରତୀକ। ଏହା ଚିକିତ୍ସକଙ୍କ ପ୍ରକୃତ ଭୂଷଣ। ସେହି ଦୃଷ୍ଟିରୁ ସ୍ୱର୍ଗତ ଡା. ଗଜେନ୍ଦ୍ର କୁମାର ସାମଲ ଜଣେ ବିଶିଷ୍ଟ ଚିକିତ୍ସକ ସହ ଦରଦୀ ହୃଦୟବାନ ମଣିଷ ଥିଲେ ବୋଲି ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ପାନ୍ଥନିବାସରେ ପୂର୍ବାହ୍ନରେ ଡ. ରତ୍ନାକର ଦାସଙ୍କ ପୌରୋହିତ୍ୟ ଏବଂ ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ ଓ ଡା. ସୁରଥ କୁମାର ବିଶ୍ୱାଳ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁଚିତ୍ରା ପାଣିଗ୍ରାହୀ ଓ ପବିତ୍ର ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ସ୍ମୃତିରେ ଗତାୟୁ ଗଜେନ୍ଦ୍ର'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଗୋକୁଳାନନ୍ଦ ମହାନ୍ତି, ଡା. ହରେକୃଷ୍ଣ ନାୟକ, ଡ. ବଳରାମ ମିଶ୍ର, ଦେବେନ୍ଦ୍ର ସ୍ୱାଇଁ, ଅଜୟ ନାୟକ, ଝରଣା ପଟ୍ଟନାୟକ, ଡା. ସୁବାସ ବିଶ୍ୱାଳ, ଅବନୀ ପ୍ରଧାନ, କରୁଣାକର ବେହୁରିଆ, ଡ. ହୃଷୀକେଶ ପଣ୍ଡା, ଡ. ରାଧାରାଣୀ ମହାପାତ୍ର, ଶତ୍ରୁଘ୍ନ ସାମଲ, ଡ. ରାଧାବିନୋଦ ନାୟକ, ମାଧବୀଲତା ମହାନ୍ତି, କମଳାକାନ୍ତ ସ୍ୱାଇଁ, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଡା. ସାମଲଙ୍କ ପୁତ୍ର ସମ୍ବିତ ସଭାର ଶେଷସ୍ପର୍ଶ ଦେଇଥିବାବେଳେ ଜାମାତା ହରିଶ୍ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପତ୍ନୀ ଲିଲି ସାମଲ, ଜ୍ୟେଷ୍ଠପୁତ୍ର ସଞ୍ଜିତ, କନ୍ୟା ସୀମା ଓ ସିପ୍ରା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକ ଦିବାକରଙ୍କ ସ୍ମୃତିସଭା

**ଭଣ୍ଡାରିପୋଖରୀ,୯।୬(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ମଇ ବିଦ୍ୟାଳୟର ପୂର୍ବତନ ସହକାରୀ ଶିକ୍ଷକ ସ୍ୱର୍ଗତ ଦିବାକର ବେହେରାଙ୍କ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୟାଧର ସାମଲ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଦିବଂଗତ ବେହେରାଙ୍କ ଫଟୋରେ ଧୂପ ପୁଷ୍ପ ପ୍ରଦାନ କରି ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ପଟେଲ ସାହୁ ସଭାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୃନ୍ଦାବନ ରାଉଳ, ପୁରୁଷୋତ୍ତମ ରାଉତ, ଗୌରାଙ୍ଗ ଓଝା, ରବୀନ୍ଦ୍ର ନନ୍ଦ, ରାଜକିଶୋର ନାଥ, ମନୋଜ କୁମାର ଜେନା, ଘନଶ୍ୟାମ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, କରୁଣାକର ବାରିକ, ଖଗେଶ୍ୱର ଓଝା, ପାର୍ବତୀ ଘଡ଼େଇ ପ୍ରମୁଖ ଯୋଗଦେଇଥିଲେ।

# ଢିଙ୍କିକୁଟା ଚୂନାରେ ତିଆରି ପିଠାର ସ୍ୱାଦ ନିଆରା

**କପ୍ତିପଦା,୯।୬(ଡି.ଏନ.ଏ)**

ରଜ ଆସିଲେ ଭିନ୍ନ ଲାଗେ ଗାଁ ପରିବେଶ। ମାସକ ଆଗରୁ ଲାଗି ରୁହେ ପ୍ରସ୍ତୁତି। ପିଠାପଣା ପାଇଁ ଘରର ଢିଙ୍କିଶାଳକୁ ଲିପା ପୋଛା କରି ପ୍ରସ୍ତୁତ କରାଯାଇଥାଏ। ଗାଁ ଦାଣ୍ଡରେ ଚାଲିଗଲେ ନାକରେ ବାଜେ ମଣ୍ଡା, କାକରା, ଚକୁଳି, ଆରିସା, ମୁହାଁ ଓ ପୋଡ ପିଠାର ବାସ୍ନା। ହେଲେ ପୂର୍ବ ଭଳି ଏହି ପର୍ବ ପାଳନରେ ଆଉ ନାହିଁ ମାଦକତା। ଏହି ପିଠା ସାଧାରଣତଃ ଚାଉଳ ଚୂନାରୁ ହେଉଥିବା ବେଳେ ଢିଙ୍କିକୁଟା ଚୂନା ଏବେ ଆଉ ଗାଁ ଗହଳିରେ ମିଳୁ ନାହିଁ। ପ୍ରତି ଘରେ ଥିବା ଢିଙ୍କିଶାଳ ଏବେ ଅଲୋଡା ହୋଇ ପଡିଛି। ଘରେ ଘରେ ଗ୍ରାଇଣ୍ଡର ଓ ଚକି କଳରେ ଚୂନା ପେଷା ଯାଉଛି। କିନ୍ତୁ ଢିଙ୍କିକୁଟା ଚୂନାରେ ପ୍ରସ୍ତୁତ ପିଠା ଓ ଚକି କଳ ଚୂନା ପିଠାର ସ୍ୱାଦ ଭିତରେ ବହୁ ଫରକ ଥିବା କପ୍ତିପଦା ଗ୍ରାମର ଗୃହିଣୀ ରଞ୍ଜିତା ଜେନା କହିଛନ୍ତି। ସେହିପରି ମନୋଜ ମହାନ୍ତି କହିଛନ୍ତି ବାପା ବାହାରେ ଚାକିରି କରୁଥିବା ବେଳେ ମୟୂରଭଞ୍ଜ ଜିଲାରେ ରଜ ଓ ମକର ପର୍ବରେ କେବଳ ଢିଙ୍କିକୁଟା ଚୂନାର ପିଠା ଖାଇବା ପାଇଁ ଆମେ ଗାଁକୁ ପଳାଇ ଆସୁଥିଲୁ। ଜେଜେ ମାଆ ରାତିରୁ ଚୂନା, ବିରି, ନଡିଆ, କାଜୁ, କିସମିଶ ଓ ବିଭିନ୍ନ ପ୍ରକାର ସୁସ୍ୱାଦୁ ଜିନିଷକୁ ମିଶାଇ ଭଲ ଭାବେ ଫେଣ୍ଟି ପାଗ ପ୍ରସ୍ତୁତ କରିଥାନ୍ତି। ବଡି ଭୋରରୁ ଉଠି ତାଙ୍କ ହାତରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ପ୍ରସ୍ତୁତ କରିବାରେ ଲାଗି ପଡନ୍ତି। ନିଦ ଭାଙ୍ଗିବା ବେଳକୁ ଘରେ ବିଭିନ୍ନ ପ୍ରକାର ପାଛିଆ ପାଛିଆ ପିଠା ପ୍ରସ୍ତୁତ ହୋଇ ରହୁଥିଲା। ଆମେ ଖାଇବା ସହିତ ସାଙ୍ଗସାଥୀଙ୍କୁ ଡାକି ଜେଜେମାଆଙ୍କ ହାତ ତିଆରି ପିଠା ଖୁଆଉଥିଲୁ। ହେଲେ ସେ ସମୟ ଆଉ ନାହିଁ। ଆଧୁନିକତାର ଛାପରେ ସବୁ ଲୋପ ପାଇବାକୁ ବସିଛି। ଘରେ ଝିଅ ବୋହୂମାନେ ଢିଙ୍କିରେ ଚୂନା କୁଟି ପିଠା କରିବା ପାଇଁ ନାରାଜ। କେତେକ ଘରେ ଚୁନାର ବିକଳ୍ପ ଭାବେ ସୁଜିକୁ ମଧ୍ୟ ବ୍ୟବହାର କରାଯାଉଥିବାର ଦେଖାଯାଇଛି। ଏତଦ ବ୍ୟତୀତ ଆଗଭଳି କାଞ୍ଚନ, ପିମ୍ପୁଡିବାସ ଓ ସୁନାଖଡି ଧାନର ବିହନ ଲୋପ ପାଇବାକୁ ବସିଲାଣି। ଏହି ସବୁ ଧାନରୁ ପ୍ରସ୍ତୁତ ପିଠାର ବାସ୍ନା ଓ ସୁଆଦ ନିଆରା। ଏବେ ହାଇବ୍ରିଡ ଧାନର ଅମଳ ସିନା ଅଧିକ କିନ୍ତୁ ସୁଆଦ ନ ଥିବାର କହନ୍ତି ପ୍ରଫୁଲ ନାୟକ। ଢିଙ୍କିଶାଳ ଥିଲା ଘରର ଝିଅ ବୋହୂଙ୍କ ପଢା ଘର। ଧାନ ଓ ଚୁନା କୁଟା ବେଳେ ଘରର ଚଳନି, ପ୍ରଥା ଓ ପରମ୍ପରା ବାବଦରେ ନୂଆ ବୋହୂ ଓ ଝିଅ ମାନଙ୍କୁ ଶିକ୍ଷା ଦିଆ ଯାଉଥିଲା। ଏବେ ବୋହୂ ମାନେ ଘରେ ଆଉ ପିଠା କରୁ ନାହାନ୍ତି। ବଜାରରୁ ପିଜା, ଟୋଷ୍ଟ, ସ୍ୟାଣ୍ଡଉଇଚ ଓ କେକ୍ କିଣି କାମ ଚଳାଇ ଦିଆଯାଉଥିବାର କହନ୍ତି, କପ୍ତିପଦାର ତରୁବନାନୀ ନାୟକ ଓ କୌଶଲ୍ୟା ନାୟକ। ସତ କହିବାକୁ ଗଲେ ରଜ କେବଳ ପ୍ରଚାର ଓ ଟି.ଭି କାର୍ଯ୍ୟକ୍ରମରେ ବଞ୍ଚି ରହିଛି। ପିଲା ଦିନର ସ୍ମୃତି ମନେ ପକାଇବା ହିଁ ସାର ହୋଇଛି।



ମହିଳାମାନେ ଢିଙ୍କିରେ ଚାଉଳ ଚୂନା କରୁଛନ୍ତି।

ଧରିତ୍ରୀ
DHARITRI



# ବିରଳ ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଚିନ୍ତା

**ବାଲେଶ୍ୱର ଅଫିସ, ୯।୬**

- ୧୫ରୁ ଚାଇନାରେ ହେବ କର୍ମଶାଳା
- ବାଲେଶ୍ୱରରୁ ଯୋଗଦେବେ ୬ ଗବେଷକ

ବିରଳ ନୀଳରକ୍ତ କଙ୍କଡାଙ୍କ ସୁରକ୍ଷା ଏବଂ ଏହି କଙ୍କଡାଙ୍କ ରକ୍ତରେ ଥିବା ଔଷଧୀୟ ଗୁଣ ସମ୍ପର୍କରେ ଅନ୍ତର୍ଜାତୀୟ ସ୍ତରରେ ଗବେଷଣା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୫ରୁ ୨୦ତାରିଖ ମଧ୍ୟରେ ଚାଇନାର କିନ୍‌ଜୋ ସିଟିରେ ୪ର୍ଥ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଓ ବିଜ୍ଞାନ କର୍ମଶାଳା ଆୟୋଜନ କରାଯାଇଛି। ଏଥିରେ ବାଲେଶ୍ୱରରୁ ୬ଜଣ ପ୍ରାଧ୍ୟାପକ, ଅଧ୍ୟାପକ, ଗବେଷକ ଓ ଶିଳ୍ପୀ ଯୋଗଦେବେ ବୋଲି ଜଣାପଡିଛି।

ଚାଇନାର କିନ୍‌ଜୋ ସିଟିରେ ହେବାକୁ ଥିବା ଏହି କର୍ମଶାଳାରେ ଆମେରିକା, ଚୀନ, ଜାପାନ, ମାଲେସିଆ ଓ ଭାରତ ସମେତ ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ ସଙ୍ଗଠନ, ଗବେଷକ, ଶିଳ୍ପୀ, ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଫେସର ଡ. ବିଷ୍ଣୁ ପ୍ରସାଦ ଦାଶ, ଫକୀରମୋହନ କଲେଜର ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ସସ୍ମିତା ଦାଶ, ଆସୋସିଏସନ ଫର୍ ବାୟୋ ଡାଇଭାରସିଟି କର୍ଣ୍ଭେସନ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଭୁବନେଶ୍ୱର ଅମିତ କଲେଜର ସହକାରୀ ପ୍ରାଧ୍ୟାପକ ସିଦ୍ଧାର୍ଥ ପତି, ନୋସି କଲଚ୍ୟୁରାଲ ଏକାଡ଼େମୀର ମୁଖ୍ୟ ଶିଳ୍ପୀ କେଶୁଦାସ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଯୁବ ନୀଳରକ୍ତ ଗବେଷକ ସନାତନ ଗୁରୁ କର୍ମଶାଳା ପାଇଁ ନିମନ୍ତ୍ରିତ ହୋଇଛନ୍ତି।

ପୃଥିବୀରେ ଏସିଆ ଓ ଆମେରିକା ଭଳି ଦୁଇ ମହାଦେଶରେ କେବଳ ୪ ପ୍ରଜାତିର ବିରଳ ଓ ବିଲୁପ୍ତପ୍ରାୟ ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ଦେଖାଯାନ୍ତି। ଏଥିମଧ୍ୟରୁ ଭାରତରେ ଦୁଇ ପ୍ରଜାତିର ନୀଳରକ୍ତ କଙ୍କଡ଼ା ରହିଛନ୍ତି। ବାଲେଶ୍ୱର ଉପକୂଳରେ ମାଛଧରା ଟ୍ରଲର ଓ ବୋଟ ଚଳାଚଳ ଯୋଗୁ ବିରଳ ନୀଳରକ୍ତ କଙ୍କଡାଙ୍କ ସଂଖ୍ୟା ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ନଦୀ ମୁହାଣରେ ଗୁରୁ ଜୁଆର ଉଠିବା ବେଳେ ଏହି କଙ୍କଡା ଅଣ୍ଡା ଦେବାକୁ ଆସିଥାନ୍ତି। ଦୀର୍ଘ ୪ ଦଶନ୍ଧି ଧରି ଭାରତର କେତେକ ଗବେଷକ ଚାନ୍ଦିପୁର ଓ ବଳରାମଗଡ଼ିରେ ଏନେଇ ଗବେଷଣା ଜାରି ରଖିଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଖୋଲିବା ପରେ ନୀଳରକ୍ତ କଙ୍କଡ଼ା ଉପରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲାରେ ଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ ନୀଳରକ୍ତ କଙ୍କଡାଙ୍କ ସୁରକ୍ଷା ପାଇଁ ମଧ କାର୍ଯ୍ୟ କରୁଛନ୍ତି। ବାଲେଶ୍ୱରର ଆସୋସିଏଶନ ଫର୍ ବାୟୋଡାଇଭରସିଟି କଞ୍ଜର୍ଭେସନ ଆଣ୍ଡ ରିସର୍ଚ୍ଚ, ବାଲେଶ୍ୱରୀ କଳା କେନ୍ଦ୍ର, ନ୍ୟୁ ହୋପ୍, ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ବାହାବଳପୁର ନୀଳରକ୍ତ କଙ୍କଡ଼ା ସୁରକ୍ଷାମଞ୍ଚ ପ୍ରମୁଖ ବେଳାଭୂମି ସଫେଇ ବେଳେ ଏହି ବିରଳ ପ୍ରଜାତିର କଙ୍କଡାଙ୍କ ସୁରକ୍ଷା ଲାଗି ଜନ ସଚେତନତା ସୃଷ୍ଟି କରୁଛନ୍ତି। ଏ ଦିଗରେ ଅଧିକ ଗବେଷଣା ଲାଗି ଜାତୀୟସ୍ତରୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ର ଖୋଲା ଯିବାକୁ ପ୍ରକୃତିପ୍ରେମୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ଝୁମ୍ପୁରା, ୯।୬ (ଡି.ଏନ.ଏ.)- କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଞ୍ଚଳରେ ରବିବାର ମଧ୍ୟାହ୍ନରେ ବଜ୍ରପାତରେ ବ୍ରହ୍ମାନନ୍ଦ ନାଏକଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ବାରିଆ ଥାନା ଅନ୍ତର୍ଗତ ହରିପଶି ଗ୍ରାମର ବ୍ରହ୍ମାନନ୍ଦ ବିଲକୁ ଯାଉଥିବା ବେଳେ ବଜ୍ରପାତର ଶିକାର ହୋଇ ସେଠାରେ ଟଳି ପଡିଥିଲେ। ତାଙ୍କୁ ଝୁମ୍ପୁରା ଡାକ୍ତରଖାନା ନିଆଯାଇଥିଲେ ହେଁ, ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ବାଲିପଶି ଗ୍ରାମର ଖଗେଶ୍ୱର ମହାନ୍ତ(୩୫ବର୍ଷ) ଏବଂ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ବଜ୍ରପାତ ଯୋଗୁଁ ୱାଚମ୍ୟାନଙ୍କର ପୁଅ ଯୋଗେନ୍ଦ୍ର କାରୁଆ (୧୪ବର୍ଷ) ଗୁରୁତର ହୋଇଛନ୍ତି। ଯୋଗେନ୍ଦ୍ରଙ୍କୁ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।



ପୁଙ୍ଗିଚୁଆ ଜଙ୍ଗଲରୁ ଉଦ୍ଧାର ହୋଇଥିବା ମୃତ ହାତୀ।

# ମାଈ ହାତୀର ମୃତଦେହ ଉଦ୍ଧାର, ତଦନ୍ତ ଆରମ୍ଭ

**କପ୍ତିପଦା,୯।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ କଳମଗଡିଆ ପଞ୍ଚାୟତ ପୁଙ୍ଗିଚୁଆ ଜଙ୍ଗଲରୁ ଏକ ମାଈ ହାତୀ ମତୃଦେହ ଉଦ୍ଧାର କରାଯାଇଛି। ରବିବାର ସକାଳେ ସ୍ଥାନୀୟ ଲୋକେ ଜାଳେଣୀ କାଠ ଆଣିବାକୁ ଜଙ୍ଗଲକୁ ଯାଇଥିବା ବେଳେ ହାତୀଟି ମରି ପଡିଥିବା ଦେଖି ବନବିଭାଗକୁ ଜଣାଇଥିଲେ। ଖବରପାଇ ଡିଏଫଓ ସୟମ ମଲ୍ଲିକ୍, ଅବୈତନିକ ବନ୍ୟ ପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ, କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ବିଭାଗୀୟ କର୍ମଚାରୀ ଓ ଶରତ ପ୍ରାଣୀ ଚିକିତ୍ସାଧିକାରୀ ଅଭିଳାଷ ଆଚାର୍ଯ୍ୟ ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ହାତୀଟିକୁ ସେଠାରେ ଗାତ ଖୋଳି ପୋତି ଦିଆଯାଇଥିଲା। ମୃତ୍ୟୁର କାରଣ ସ୍ୱଷ୍ଟ ହୋଇ ନ ଥିବା ବେଳେ ହାତୀଟିର ବୟସ ୧୧ବର୍ଷ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି। ମୃତ ହାତୀର ଲମ୍ବ ୫ଫୁଟ, ଉଚ୍ଚତା ସାଢେ ୪ ଫୁଟ ବୋଲି ଜଣାଯାଇଛି । ହାତୀ ପଲ ମଧ୍ୟରେ ଥିବା ବେଳେ କୌଣସି କାରଣ ବଶତଃ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରୁଛି। ତେବେ ଉକ୍ତ ଜଙ୍ଗଲରେ ଏବେ ବି ୧୨ଟି ହାତୀ ଥିବାରୁ ବନ ବିଭାଗର ମୁଣ୍ଡ ବ୍ୟଥା ବଢିଯାଇଛି। ଏ ସମ୍ପର୍କରେ ଡିଏଫଓ ମଲ୍ଲିକ୍‌ଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପାଇଁ ଏସିଏଫ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି ଓ ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ‘ସ୍ଥାଣୁ ହୋଇପଡ଼ିଛି ବ୍ୟବସ୍ଥା’

**ବାଲେଶ୍ୱର ଅଫିସ, ୯।୬**

ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀଧନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରବିବାର ଅପରାହ୍ନରେ ସ୍ଥାନୀୟ ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ଜିଲା ଭାଜପା ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ତାଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ, ଜିଲାରେ ବ୍ୟାପକ ନିଯୁକ୍ତିର ସୁଯୋଗ ଥିଲେ ମଧ ବ୍ୟବସ୍ଥା ସ୍ଥାଣୁ ହୋଇପଡିଛି। ଏଥିଲାଗି ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଜିଲାର ରୁଗ୍‌ଣ ଶିଳ୍ପ ସଂସ୍ଥାର ପୁନଃରୁଦ୍ଧାର, ବୟନଶିଳ୍ପରେ ଉନ୍ନତି, ମାଛ ଚାଷ, ଗୋପାଳନ ଏବଂ ନଡ଼ିଆକତା ଶିଳ୍ପକୁ ବିକଶିତ କରିବାର ଆବଶ୍ୟକତା ରହିଛି। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଋଣ ଯୋଗାଣ ଠିକ୍ ଭାବେ ହେଉ ନ ଥିବାରୁ ଏ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସମ୍ବର୍ଦ୍ଧନା ସଭାରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ ଫୁଲମାଳ ସହ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଦର ବିଧାୟକ ମଦନ ମୋହନ ଦତ୍ତ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଭାଜପାର ବହୁ କର୍ମକର୍ତ୍ତା ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# ହାଇଦ୍ରାବାଦରୁ ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଜଳେଶ୍ୱର,୯।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ମାସକ ତଳେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଜଳେଶ୍ୱର ଥାନା ଅଧୀନ ଖୁଲୁଡ଼ା ଗ୍ରାମର ଯୁବକ ମନ୍ମଥ ଓରଫ ଟିଂକି ଦାସଙ୍କୁ ଗିରଫ କରାଯାଇଛି। ସେ ନାବାଳିକାଙ୍କୁ ଅପହରଣ କରିନେଇ ସୁଦୂର ହାଇଦ୍ରାବାଦ୍‌ରେ ରହୁଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପହରଣ ମାମଲା (ନଂ.୨୫/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ରବୀନ୍ଦ୍ରନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ହାଇଦ୍ରାବାଦ ଯାଇ ସେଠାରୁ ନାବାଳିକାଙ୍କୁ ଉଦ୍ଧାର ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ରବିବାର ନାବାଳିକାଙ୍କୁ ତାଙ୍କ ବାପାଙ୍କ ଜିମା ଦିଆଯାଇଛି। ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଯାଇଛି। ତାଙ୍କୁ ବାଲେଶ୍ୱର ପୋକ୍ସୋ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ମାଛ ଧରୁଥିବା ବେଳେ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାହାନଗା,୯।୬(ଡି.ଏନ.ଏ.):** ପୋଖରୀରେ ମାଛ ଧରୁଥିବା ବେଳେ ପାଣିରେ ବୁଡି ଶୁଭ୍ରଜିତ୍ ମାହାଲ(୨୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାହାନଗା ବ୍ଲକ ଷଠୀ ଗ୍ରାମ ମଙ୍ଗଳା ସାହିରେ। ସେ ଉପେନ୍ଦ୍ର ମାହାଲଙ୍କର ଏକମାତ୍ର ପୁତ୍ର ଥିଲେ। ରବିବାର ମଧ୍ୟାହ୍ନରେ ଶୁଭ୍ରଜିତ୍ ଅନ୍ୟ କେତେଜଣ ଯୁବକଙ୍କ ସହିତ ମିଶି ମାତାଜୀ ପୋଖରୀକୁ ଯାଇ ମାଛ ଧରୁଥିଲେ। ସେ ହଠାତ୍ ପୋଖରୀ ମଝିକୁ ଚାଲିଯାଇ ପାଣିରେ ବୁଡି ଯାଇଥିଲେ। ଅନ୍ୟ ଯୁବକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଗାଁ ଲୋକେ ଆସି ପୋଖରୀରୁ ଏହି ଯୁବକଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଭାଜପାର ସାଙ୍ଗଠନିକ ବୈଠକ

**ଜଳେଶ୍ୱର, ୯।୬(ଡି.ଏନ୍.ଏ.):** ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ଭାଜପାର କାର୍ଯ୍ୟକର୍ତ୍ତାମାନେ ୨୦୧୯ ସାଧାରଣ ନିର୍ବାଚନର ଦଳୀୟ ସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ବିଗତ ନିର୍ବାଚନ ଅପେକ୍ଷା ଏହି ସାଧାରଣ ନିର୍ବାଚନରେ ଦଳର ସ୍ଥିତି ବେଶ ମଜବୁତ୍‌ରେ ପହଞ୍ଚିଛି। ଏପରିକି ଦଳ ଉକ୍ତ ପଞ୍ଚାୟତରୁ ୪୦ ପ୍ରତିଶତ ଭୋଟ ପାଇଛି। ଆଗାମୀ ଦିନରେ ଦଳର ସ୍ଥିତିକୁ ଅଧିକ ସୁଦୃଢ଼ କରାଯିବା ସହିତ ୧ ନଂ. ଦଳ ଭାବେ ଗଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପଞ୍ଚାୟତର କର୍ମୀ ସୁଦର୍ଶନ ପ୍ରଧାନ, ନିମାଇଁ ପ୍ରଧାନ, ମଧୁସୂଦନ ପ୍ରଧାନ, ରାଜେନ୍ଦ୍ର ଦାସ, ନିଶିତ ପ୍ରମାଣିକ, ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ପଞ୍ଚାୟତରେ ଦଳର ମଙ୍ଗ ଧରିବା ପାଇଁ ପୂର୍ବତନ ବାୟୁସେନା କର୍ମଚାରୀ ଗୌରାଙ୍ଗ ଦତ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ପରାମର୍ଶ ଶିବିରରେ ଯୋଗଦେଲେ ୨୭୯ ଆଶାୟୀ

**ଚମ୍ପୁଆ, ୯।୬(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଖଣିଜ ପାଣ୍ଠି ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଚମ୍ପୁଆ ନଗରଭବନଠାରେ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ବ୍ଲକ ପକ୍ଷରୁ ଆୟୋଜିତ ଏହି ଶିବିରରେ କେନ୍ଦୁଝର ଡିଆରଡିଏ ଚନ୍ଦ୍ରଶେଖର ପଟ୍ଟନାଏକ ମୁଖ୍ୟ ଅତିଥି, ଏ.ବି.ଡି.ଓ ଶରତ ଚନ୍ଦ୍ର ବାରିକ, ଜିଲାପରିଷଦ ସଭ୍ୟ ମାନସ ରଞ୍ଜନ ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଚମ୍ପୁଆ ବ୍ଲକରୁ ଆସିଥିବା ୨୭୯ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା।

### ଧାନ ବିହନ ମିଳୁନି, ଚାଷୀ ଅସନ୍ତୋଷ

**ତେଲକୋଇ, ୯।୬(ଡି.ଏନ୍.ଏ.)-** ଚାଷୀ ଉପରେ ନିର୍ଭର କରୁଥିବା ଏହି ବ୍ଲକରେ ଧାନ ବିହନ ମିଳୁ ନାହିଁ। କାଳ ବୈଶାଖୀ ଓ ମଝିରେ ମଝିରେ ବର୍ଷା ଯୋଗୁଁ ଚାଷୀ ମାନେ ଧାନ କ୍ଷେତ ପ୍ରସ୍ତୁତି କରି ରଖିଛନ୍ତି। ତେବେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଧାନ ବିହନ ଯୋଗାଣ ବ୍ୟବସ୍ଥା ହୋଇପାରି ନଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ହେବାରେ ଲାଗିଛି। ଏହି ବ୍ଲକ ଅଧୀନରେ ତେଲକୋଇ, ସିରିଗିଡା, ବେଣାମୁଣ୍ଡା ସମବାୟ ସମିତି ଅଧୀନରେ ୮ଶହ କୁଇଣ୍ଟାଲ ଅଧିକ ବିହନ ଧାନ କ୍ରୟ କରିଥାନ୍ତି ଚାଷୀ ମାନେ। ତେବେ ଅଦ୍ୟାବଧି ଧାନ ବିହନ ମିଳି ପାରି ନ ଥିବା ଯୋଗୁଁ ଚାଷୀ ମାନେ ବିହନ ପାଇଁ ବେପାରୀ ମାନଙ୍କର ସହାୟତା ନେଉଛନ୍ତି। ଏ ସମ୍ପର୍କରେ ତେଲକୋଇ ସମବାୟ ସମିତିର ଏମ.ଡି କେଶବ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଜିଲା ସିଡ କର୍ପୋରେଶନ ଧାନ ବିହନ ଆଣି ସମସ୍ତ ସମବାୟ ସମିତିକୁ ଯୋଗାଣ କରିବା କଥା। ହେଲେ କେନ୍ଦୁଝର ଗୋଦାମରୁ ଧାନ ବିହନ ଆଣିବା ପାଇଁ ସରକାରୀ ଦର ପ୍ରତି କୁଇଣ୍ଟାଲ ପିଛା ୪୦ଟଙ୍କା ରହିଛି। ତେବେ ସିଡ କର୍ପୋରେଶନ ଉକ୍ତ ବିହନ ଧାନ ଯୋଗାଣ ନ କରି ତେଲକୋଇ ସମବାୟ ସମିତିକୁ ନିଜେ ଗାଡି ଆଣି ନେବାପାଇଁ କହୁଥିବାରୁ ବିବାଦ ଦେଖାଦେଇଛି। ଏନେଇ ଜିଲା ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

### ରଜ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୯।୬:** ବାଲେଶ୍ୱର ବାଲିଆ ଗ୍ରାମସ୍ଥ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବାଲିଆ ବିକାଶ ପରିଷଦ ତରଫରୁ ରଜ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖରେ ଦିବସବ୍ୟାପୀ ରଜ ଉତ୍ସବ ପାଳନ ହେବ ବୋଲି ବିକାଶ ପରିଷଦର ସମସ୍ତ ସଭ୍ୟାସଭ୍ୟମାନଙ୍କ ଉପସ୍ଥିତିରେ ସ୍ଥିର ହୋଇଛି। ଉତ୍ସବରେ ନୃତ୍ୟ ପ୍ରତିଯୋଗିତା, ଝୋଟି, ଶଙ୍ଖବାଦନ, ଚିତ୍ରାଙ୍କନ, କୌତୁକିଆ ବେଶ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏତଦ୍‌ବ୍ୟତୀତ ଦୋଳି ଏବଂ ପିଠାର ରଜ ପର୍ବ ସହିତ ଯେଉଁ ସମ୍ପର୍କ ରହିଛି ତାହା ମଧ୍ୟ ସମ୍ପନ୍ନ ହେବ। ବୈଠକରେ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ସରପଞ୍ଚ ପୁଷ୍ପାଞ୍ଜଳି ଦାସ, ବୀରେନ୍ଦ୍ର ବିଶୋଇ, ସର୍ବେଶ୍ୱର ଦାସ, ମାନସୀ ନାୟକ, ପ୍ରତିମା ବେହେରା, ମନୋଜ ରାଜ, ପ୍ରିୟଦର୍ଶିନୀ ବେହେରା, ରଜନୀ ବ୍ରହ୍ମ, ଲକ୍ଷ୍ମୀଧର ସିଂ, ମାନସ ଦେ, କାଳିଆ ପଢ଼ିହାରୀ, ସ୍ୱୟଂପ୍ରଭା ମହାନ୍ତି, ଅର୍ଚ୍ଚନା ସ୍ୱାଇଁ ଓ ବିଜୟ କିଶୋର ପଢ଼ିହାରୀ ପ୍ରମୁଖ ଯୋଗଦେଇଥିଲେ।

# 'ସମ୍ଭାବନା ବିକଶିତ ହେଲେ ମିଳିବ ନିଯୁକ୍ତି'



ସମୀକ୍ଷା ବୈଠକରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୯।୬**

- ମନ୍ତ୍ରୀପଦ ପାଇବା ପରେ ପ୍ରଥମ ବାଲେଶ୍ୱର ଗସ୍ତ
- ବିଭିନ୍ନ ଯୋଜନାର ସମୀକ୍ଷା କଲେ
- ପଶୁପାଳନ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଜିଲାକୁ ସ୍ୱାବଲମ୍ବୀ ଲାଗି ଶିଳ୍ପ ପ୍ରତିଷ୍ଠା ହେବ

କେନ୍ଦ୍ରରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀଧନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରବିବାର ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଅପରାହ୍ନରେ ସେ ଜିଲାପାଳ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ଅବସରରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାବାସୀଙ୍କ ତରଫରୁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ମନ୍ତ୍ରୀ ଷଡ଼ଙ୍ଗୀ ସମୀକ୍ଷା ବୈଠକରେ କହିଥିଲେ ବାଲେଶ୍ୱର ଜିଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିର ଯଥେଷ୍ଟ ସମ୍ଭାବନା ଓ ସୁଯୋଗ ରହିଛି। ଜିଲାରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏ ସମ୍ପର୍କିତ ଭିଜନ ଡକୁମେଣ୍ଟ, ବ୍ଲୁ-ପ୍ରିଣ୍ଟ, ବ୍ୟୟ ଅଟକଳ ଓ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିବାକୁ ସେ ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବୈଠକରେ ଡିଆଇସି ଜିଏମ ହରିହର ଜେନା ଜିଲାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଏବଂ ସୁବିଧା ଯୋଗାଇ ଦେବା ଏବଂ ଉତ୍ପାଦିତ ସାମଗ୍ରୀର ବିପଣନ ଦିଗରେ କେନ୍ଦ୍ରସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଜିଲାକୁ ସ୍ୱାବଲମ୍ବୀ କରିବା ସକାଶେ ପଦକ୍ଷେପ ନିଆଯିବ। ଏ ସମ୍ବନ୍ଧିତ ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ଉଦ୍ୟମ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ମଦନମୋହନ ଦତ୍ତ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ବିଭାଗୀୟ ଅଧିକାରୀ, ଶିଳ୍ପ ଓ ବାଣିଜ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ

**ଖଇରା, ୯।୬(ଡି.ଏନ୍.ଏ.)**

ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପାଣିଗ୍ରାହୀ ବ୍ଲକର ଡୁଙ୍ଗୁରାଠାରେ କନ୍ହେଇ ନାଳ ଉପରେ ୨କୋଟି ୬୨ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ପରେ ଅର୍ଜୁନପୁରଠାରେ ୪କୋଟି ୯୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାପରେ ମହତୀପୁର ପଞ୍ଚାୟତର ଚକମହାସମପୁରର ଖଣ୍ଡାଧାର ନଦୀ ଉପରେ ୨କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ବିଜୁସେତୁ ଶିଳାନ୍ୟାସ କରିଛନ୍ତି। ସେଠାରେ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ରହି ମନ୍ତ୍ରୀ ପାଣିଗ୍ରାହୀଙ୍କୁ ଶଙ୍ଖ, କରତାଳି ସ୍ୱାଗତ କରିବା ସହ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହିତ ଓଝାପୋଖରୀଠାରୁ ସାରଡ଼ାଙ୍ଗ ରାସ୍ତାର ଉନ୍ନତିକରଣ ପାଇଁ ରାସ୍ତାର ଶିଳାନ୍ୟାସ କରିଥିଲେ। ମନ୍ତ୍ରୀ ପାଣିଗ୍ରାହୀଙ୍କ ସମେତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ତହସିଲଦାର ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଜିଲାପରିଷଦ ସଭ୍ୟା ଲୋପାମୁଦ୍ରା ଧର, ଜୟନ୍ତୀ ମହଲା, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ନିର୍ବାହୀଯନ୍ତ୍ରୀ ପ୍ରତାପ ମହାନ୍ତି, ପଳସା ସରପଞ୍ଚ ପଙ୍କଜିନି ଦାସମହାପାତ୍ର, ପ୍ରହଲ୍ଲାଦ ପତି, ମାନସ ଦାଶ, ରଶ୍ମିତା ମହାପାତ୍ର, ସୁଶାନ୍ତ ମହାକୁଡ଼ ଓ ବିଷ୍ଣୁପଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଓ ଏମ୍‌ପି।

## ■ ମିଳିଲାନି ସରକାରୀ ସହାୟତା
# ଆଖି ବୁଜିଲେ ଲକ୍ଷ୍ମୀକାନ୍ତ

**ସିମୁଳିଆ, ୯।୬(ଡି.ଏନ୍.ଏ.)**

ରାଜ୍ୟ ସରକାର ନା କେନ୍ଦ୍ରସରକାର। କୌଣସି ସରକାରୀ ସହାୟତା ପହଞ୍ଚି ପାରିଲା ନାହିଁ। ସହାୟତାକୁ ଚାହିଁ ଚାହିଁ ଶେଷରେ ଶନିବାର ରାତିରେ ଆଖି ବୁଜିଲେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ବଣା ଶାସନ ଅଞ୍ଚଳର ୩୩ ବର୍ଷୀୟ ଲକ୍ଷ୍ମୀକାନ୍ତ ପତ୍ରୀ।

ମା'ବାପାଙ୍କ ସମେତ ୫ ଭଉଣୀଭାଇଙ୍କ ପୋଷଣ ପାଇଁ ଲକ୍ଷ୍ମୀକାନ୍ତ ମାଟ୍ରିକ୍ ପରେ ଘରୁ ଗୋଡ଼ କାଢ଼ିଥିଲେ। ଚେନ୍ନାଇର ଏକ ଘରୋଇ କମ୍ପାନୀରେ ୧୨ବର୍ଷ କାମ କରିବା ପରେ ବମ୍ବେ ଚାଲି ଆସିଥିଲେ। ସେଠାରେ ଏକ ହୋଟେଲରେ ୩ବର୍ଷ କାମ କରିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଗତ ୨୦୧୮ ଜାନୁଆରୀରେ ସେ ଘରକୁ ଫେରି ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ସମ୍ପର୍କରେ ସୂଚନା ପାଇଥିଲେ। ତେବେ ତାଙ୍କ ମା' ଓ ବାପାଙ୍କ ବୟସ ଅଧିକ ହୋଇଯାଇଥିବାରୁ ସେମାନେ ପୁଅକୁ କିଡ୍‌ନୀ ଦେଇପାରିବେ ନାହିଁ ବୋଲି ଡାକ୍ତର ସୂଚନା ଦେଇଥିଲେ। ପୁଅର ଚିକିତ୍ସା ପାଇଁ ମା'ବାପା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ ଉଧାର କରିଥିଲେ। ବଞ୍ଚିବା ପାଇଁ ଲକ୍ଷ୍ମୀକାନ୍ତଙ୍କୁ ସପ୍ତାହରେ ୨ଥର ଡାଏଲିସିସ କରିବା ପାଇଁ ପଡୁଥିଲା। ଏହି ରୋଗୀମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାର ନିୟମ ଥିଲେ ହେଁ ଜିଲା ମେଡ଼ିକାଲ କର୍ମଚାରୀମାନେ ତାଙ୍କୁ ବାରମ୍ବାର ପରେ ଆସିବା ପାଇଁ କହି ହଇରାଣ କରୁଥିବା ସେ କହିଥିଲେ। ଏ ସମ୍ପର୍କରେ ଏକ ରିପୋର୍ଟ ଧରିତ୍ରୀରେ ୨୦୧୮ ନଭେମ୍ବର ୧୬ ତାରିଖରେ ପ୍ରକାଶ କରାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅପରପକ୍ଷେ ଗତ ନିର୍ବାଚନରେ ଭୋଟ୍ ଦେବା ପାଇଁ ଯାଇଥିବାବେଳେ ଲକ୍ଷ୍ମୀକାନ୍ତଙ୍କ ବାପା ନାରାୟଣ ପତ୍ରୀ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା।



ଲକ୍ଷ୍ମୀକାନ୍ତଙ୍କ ଫାଇଲ ଫଟୋ।



ଆସୁଛି ରଜ: ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ପିଲାମାନେ ରାସ୍ତାକଡ଼ରେ ଏକ ଗଛରେ ଦୋଳି ବାନ୍ଧି ଝୁଲୁଛନ୍ତି। (ଫଟୋ: ସନ୍ତୋଷ)

### ସଦର ବିଧାୟକଙ୍କୁ ସମ୍ବର୍ଦ୍ଧନା

**ରୂପ୍‌ସା, ୯।୬(ଡି.ଏନ୍.ଏ.)**

ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ବୁଧବାର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କସିପଦା, ରୂପ୍‌ସା, ଆଙ୍କୋ ପଞ୍ଚାୟତ ଗସ୍ତ କରି ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତ ପଞ୍ଚାୟତର ସାମଗ୍ରିକ ବିକାଶ ଦିଗରେ ସେ ଗୁରୁତ୍ୱ ଦେବେ ବୋଲି ସମ୍ବର୍ଦ୍ଧନା ସଭାରେ ଗୁରୁତ୍ୱାରୋପ କରିଛନ୍ତି। ସରପଞ୍ଚ ଅନୀତା ବେହେରା, ସମିତିସଭ୍ୟା ଅଭିପ୍ସା ନାୟକ, ମଣ୍ଡଳ ସଭାପତି ତପନ କୁମାର ବେହେରା, ଶ୍ରୀଧର ବେହେରା, ଯୁବନେତା ରଶ୍ମିରଞ୍ଜନ ଜେନା, ନିରଞ୍ଜନ ପରିଡ଼ା, ଜଳଧର ପରିଡ଼ାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ବିଧାୟକ ଦତ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଧାୟକ ଦତ୍ତଙ୍କ ସହ ମିଡ଼ିଆ ପ୍ରଭାରୀ ଗୌରାଙ୍ଗ ଦାସ, ଜିଲା ଉପସଭାପତି ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ସମୀକ୍ଷା ବୈଠକ

**ବାହାନଗା, ୯।୬(ଡି.ଏନ୍.ଏ.)**

ବାହାନଗା ବ୍ଲକ ଗୋପାଳପୁରଠାରେ ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ନବାଗତ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ଅଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବ୍ଲକ ମହିଳା ସଭାପତି ସଂଯୁକ୍ତା ମିଶ୍ର, ଜିଲା ବିଜୁ ମହିଳା ନେତ୍ରୀ ସବିତା ଅଗସ୍ତି, ଜିଲା ଉପସଭାପତି ପ୍ରଦୀପ ଜେନା, ଶିଶିର ଅଗସ୍ତି, ନୀଳାମ୍ବର ମହାଳିକ, ଗିରିଶ ଚନ୍ଦ୍ର ଦାଶ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଯୁବ ବିଜେଡି ସଭାପତି ଲକ୍ଷ୍ମୀଧର ଶିଅଳ, ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ବିଜେଡି ନେତା ଅନିରୁଦ୍ଧ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସୋରରେ ପୁନର୍ବାର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ପର୍ଶୁରାମ ଧଡା ଓ ଭଦ୍ରକ ସଂସଦୀୟ କ୍ଷେତ୍ରରେ ନବ ନିର୍ବାଚିତ ମହିଳା ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ୧୯ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା /ସଭ୍ୟ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ନେତା ଯୋଗଦେଇ ନବନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ନିର୍ବାଚନରେ କମ୍ ଭୋଟ ମିଳିବାର କାରଣ ବାବଦରେ ସମୀକ୍ଷା କରାଯାଇଥିଲା। ତେବେ ଆଗାମୀ ଦିନରେ ଦଳକୁ ବାହାନଗା ବ୍ଲକ ରେ ସୁସଙ୍ଗଠିତ କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା।

# ବସ୍ତା ରକ୍ତଦାତା ସଂଘ ଗଠିତ

**ବସ୍ତା, ୯।୬(ସ୍ୱ.ପ୍ର.)**



ରକ୍ତଦାତା ସଂଘର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ରକ୍ତଦାତା ସଂଘର ଆହ୍ୱାନକ୍ରମେ ସ୍ଥାନୀୟ ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସମ୍ମାନନୀୟ ଅତିଥି ଭାବେ ଇଂ. ହୃଷିକେଶ ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ନରେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଆଗାମୀ ଦିନରେ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତ ବିନା କାହାରିକୁ ମରିବାକୁ ଦେବା ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ନୂତନ ସଂଘର କର୍ମକର୍ତ୍ତା ଭାବେ ଶଙ୍କର କୁମାର କର ସଭାପତି, ଡ. ପ୍ରଦୀପ କୁମାର ମିଶ୍ର ଉପସଭାପତି, ସମ୍ପାଦକ ଗଗନ ବିହାରୀ ଜେନା, ଯୁଗ୍ମସମ୍ପାଦକ ସ୍ୱରୂପ ବେହେରା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ା, ମୁଖ୍ୟ ଉପଦେଷ୍ଟା ନାରାୟଣ ଦାସ ଓ ଶ୍ୟାମାପ୍ରସାଦ ବେହେରା ରହିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଶାନ୍ତ କୁମାର ପୃଷ୍ଟି, ଅଞ୍ଜନ କୁମାର ମହାନ୍ତି, ଅପ୍ରମିତା ଦାସ, ଅନୀଲ କୁମାର ମହାନ୍ତି ଓ ବିରାଜ ସିଂଦେଓ ଭାବେ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୀତବାସ ବାରିକ ଓ ସୁକୁମାର ଦାସ ସଂଯୋଜନା କରି ଥିବା ବେଳେ ଶ୍ରୀପତି ଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ସିମୁଳିଆ, ୯।୬(ଡି.ଏନ୍.ଏ.)**

ସିମୁଳିଆ ବିଧାୟକ ତଥା ପର୍ଯ୍ୟଟନ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରବିବାର ମଧ୍ୟାହ୍ନରେ ସିମୁଳିଆ ତହସିଲ ସମ୍ମୁଖରେ ଏକ ନୂତନ ଗୃହ ସମେତ ରାମ୍ପୋ ପଡ଼ିଆରେ ନିର୍ମିତ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଶୁଭ ଉନ୍ମୋଚନ କରିଛନ୍ତି। ତହସିଲ ସମ୍ମୁଖରେ ଏହି ଗୃହ ୧କୋଟି ୭୫ଲକ୍ଷ ୫୬ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ବେଳେ ଆଦର୍ଶ ବିଦ୍ୟାଳୟ ୪କୋଟି ୬୬ଲକ୍ଷ ୬୫ହଜାର ଟଙ୍କାରେ ନିର୍ମିତ ହେବ। ଏହି କାର୍ଯ୍ୟକ୍ରମରେ ତହସିଲଦାର ରବିନାରାୟଣ ସାହୁ, ବିଡିଓ ଡ. ନରହରି ବେହେରା, ବ୍ଲକ ଅଧ୍ୟକ୍ଷା ଧରିତ୍ରୀ ମହାରଣା, ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, କ୍ଷୀତିଶ କୁମାର ମହାନ୍ତି, ସରୋଜିନୀ ମହାପାତ୍ର ଓ ଗୀତାରାଣୀ ଦାସ ପ୍ରମୁଖ ଲୋକପ୍ରତିନିଧି ଓ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ପଶ୍ଚିମବଙ୍ଗରୁ ଅବାଧରେ ଆସୁଛି ଚୋରା ମଦ

**ବାଲିଆପାଳ, ୯।୬(ଡି.ଏନ୍.ଏ.)**

- ଟାର୍ଗେଟ ପୂରଣ ଲକ୍ଷ୍ୟରେ ଅବକାରୀ ବିଭାଗ
- ମଦ ବିରୋଧୀ ଆନ୍ଦୋଳନକାରୀଙ୍କୁ ଉପେକ୍ଷା
- ବିଦେଶୀ ମଦ ନାଁରେ ନକଲି ବିକ୍ରି ଅଭିଯୋଗ

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦର ବନ୍ୟା ଛୁଟିଛି। ପଡ଼ୋଶୀ ପଶ୍ଚିମବଙ୍ଗରୁ ପ୍ରତିଦିନ ଚୋରାରେ ବହୁ ଦେଶୀ, ବିଦେଶୀମଦ ଏଠାକୁ ଆଣି ବିକ୍ରି କରାଯାଉଛି। ସେମାନେ ବିଭିନ୍ନ ଗ୍ରାମାଞ୍ଚଳ ରୁଟ୍ ଦେଇ ଅବାଧରେ ମଦ ଆଣି ପହଞ୍ଚାଉଛନ୍ତି। ବିଦେଶୀ ମଦ ନାଁରେ ନକଲି ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ପ୍ରତିକାର କରାଯାଉ ନାହିଁ।

ବାଲିଆପାଳ ବ୍ଲକରେ ୩ଟି ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ଏବଂ ଗୋଟିଏ ଠିପିଖୋଲା ବିଦେଶୀ ମଦ ଦୋକାନ ରହିଛି। ଏହାବାଦ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଚୋରା, ବେଆଇନ ମଦ ଦୋକାନ ଚାଲିଛି। ଅବକାରୀ ବିଭାଗ ଟାର୍ଗେଟ ପୂରଣ ଲକ୍ଷ୍ୟରେ ବ୍ୟସ୍ତ ରହୁଥିବାରୁ ଚୋରାମଦ କାରବାର ରୋକିବାକୁ ପଦକ୍ଷେପ ନେଉ ନାହିଁ। ମଦ ବିରୋଧରେ ଆନ୍ଦୋଳନ କରୁଥିବା ମହିଳାମାନଙ୍କୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି ସହାୟତା କରାଯାଉ ନ ଥିବା ଅଭିଯୋଗ ହେଉଛି। ଏପରି କି ମଦ ବିରୋଧୀ ମହିଳା ଚୋରା ବେପାରୀଙ୍କୁ ଧରି ଅବକାରୀ ବିଭାଗକୁ ଖବର ଦେଲେ କେହି ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନାହାନ୍ତି। ଏହି ବ୍ଲକ ଅଧୀନ ଅଳାଡ଼ିହା ଗ୍ରାମର ଜଣେ ଚୋରା ମଦ ବେପାରୀଙ୍କ ଘରକୁ ସମ୍ପ୍ରତି ମହିଳାମାନେ ଘେରାଉ କରି ଅବକାରୀ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ଘଟଣାସ୍ଥଳକୁ କେହି ଆସି ନ ଥିଲେ। ଶେଷରେ ମହିଳାମାନେ ଜବତ ମଦକୁ ଧରି ୧୨ କି.ମି. ଦୂର ବାଲିଆପାଳ ଥାନାକୁ ଯାଇଥିଲେ। 'ଆମ ନିକଟରେ କିଛି କ୍ଷମତା ନାହିଁ' କହି ପୋଲିସ ସେମାନଙ୍କୁ ଫେରାଇ ଦେଇଥିଲା। ଏଭଳି ଘଟଣା ଆନ୍ଦୋଳନକାରୀଙ୍କ ମନୋବଳକୁ ଭାଙ୍ଗି ଦେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଓଡ଼ିଶା ନିଶା ନିବାରଣ ଅଭିଯାନ ବାଲିଆପାଳ ଶାଖାର ସଭାପତି ନାରାୟଣ ପ୍ରସାଦ ସାହୁ, ରାଜ୍ୟ ଉପସଭାପତି ଡ. ଅଦ୍ୱୈତ୍ୟ ପାତ୍ର,ସଦସ୍ୟ ଅରବିନ୍ଦ ବେହେରା, ଧୀରେନ୍ଦ୍ର ନାଥ କରଣ, କ୍ଷିତୀଶ ଜେନା, ଜୀବନ ଦାସ, କୁଶଧ୍ୱଜ ଜେନା, ଅର୍ଜୁନ ବାରିକ,ବିଜୟ ଗିରି, ସନ୍ନ୍ୟାସୀ ବେହେରା ପ୍ରମୁଖ ଅନୁରୂପ ଅଭିଯୋଗ କରି ଚୋରା ମଦର ବନ୍ୟାକୁ ରୋକିବା ଲାଗି ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ବାଲିଆପାଳ ଅଞ୍ଚଳରେ ଚୋରା ମଦର ପ୍ରସାର ଯୋଗୁ ବିଭିନ୍ନ ଅପରାଧ ଘଟଣା ଦିନକୁ ଦିନ ବଢି ଚାଲିଛି। ପଶ୍ଚିମବଙ୍ଗରୁ ଅଣାଯାଉଥିବା ବା ମଦ ଅସଲି କି ନକଲି ତାହାକୁ ଯାଞ୍ଚ କରାଯାଉ ନାହିଁ। ଏହି କାରଣରୁ ଏଠାରେ ମଦମୃତ୍ୟୁ ଘଟିବା ଆଶଙ୍କା କରାଯାଉଛି। ମଦ ବିରୋଧୀ ସଂଗଠନର କେତେକ କର୍ମକର୍ତ୍ତା କହିଛନ୍ତି ଯେ, ଟାର୍ଗେଟ ପୂରଣ ଲାଗି ଅବକାରୀ ବିଭାଗ ଚାପ ପକାଉଥିବାରୁ କେତେକ ଲାଇସେନ୍ସପ୍ରାପ୍ତ ମଦଦୋକାନୀ ଗ୍ରାମାଞ୍ଚଳରେ ୨୦ରୁ ୩୦ ଜଣ ଲେଖାଏ ଛୋଟ ମଦବେପାରୀଙ୍କୁ ନିଯୁକ୍ତି ଦେଇ ମଦ ବିକୁଛନ୍ତି। ଖୁଚୁରା ବେପାରୀମାନେ ବିଦେଶୀ ମଦ କିଣି ଗାଁଗଣ୍ଡାରେ ବୋତଲ ପିଛା ୧୦ରୁ ୨୦ଟଙ୍କା ଅଧିକ ଦାମ୍‌ରେ ବିକ୍ରି କରୁଛନ୍ତି। ପୂର୍ବରୁ ଚୋରା ମଦ ବେପାରୀଙ୍କୁ ଧରିବା ସକାଶେ ପୋଲିସ ମଝିରେ ମଝିରେ ଚଢ଼ାଉ କରୁଥିଲା। ବର୍ତ୍ତମାନ ତାହା ବନ୍ଦ ହୋଇଯିବାରୁ ମଦବେପାରୀଙ୍କୁ ବେଶ୍ ସୁହାଉଛି। ବସ୍ତା ଓ ବାଲେଶ୍ୱରରୁ ଅବକାରୀ କର୍ମଚାରୀ ଆସି ବାଲିଆପାଳରେ ପହଞ୍ଚିବା ବେଳକୁ ଚୋରା ବେପାରୀମାନେ ସହଜରେ ଖସିଯାଉଛନ୍ତି।

## ସଂକ୍ଷେପରେ

### କାଳବୈଶାଖି : ବଜ୍ରପାତରେ ୨ଗୋରୁ ମୃତ

କେନ୍ଦୁଝର, ୯।୬(ସ୍ୱ.ପ୍ର.)- କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତ ଶାହାଡ଼ାପୁର ଗ୍ରାମରେ ରବିବାର ଅପରାହ୍ନ ସାଢ଼େ ୨ଟାରେ କାଳବୈଶାଖୀ ସାଙ୍ଗକୁ ଘୂର୍ଣ୍ଣିଝଡ଼ ହୋଇଯାଇଛି। ବଜ୍ରପାତ ସାଙ୍ଗକୁ ବର୍ଷା ପବନ ଯୋଗୁଁ ବହୁ ବିଜୁଳିଖୁଣ୍ଟ ଉପୁଡ଼ି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି। କେତେକ ଲୋକଙ୍କର ଘର ଦ୍ୱାର ଭାଙ୍ଗିଯାଇଛି। ବଜ୍ରପାତରେ ଶାହାଡ଼ାପୁର ଗ୍ରାମର ପଦ୍ମଚରଣ ମହାନ୍ତଙ୍କର ଗୋଟିଏ ଗର୍ଭବତୀ ଗାଈ ଏବଂ ଭୁବନାନନ୍ଦ ମହାନ୍ତଙ୍କର ଗୋଟିଏ ବଳଦର ମୃତ୍ୟୁ ଘଟିଛି। ତେବେ ଗୋରୁ ମୃତ୍ୟୁକୁ ନେଇ ବଳଦ ମାଲିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

### ନିଯୁକ୍ତି ଭିତ୍ତିକ ତାଲିମ ଶିବିର

ହାଟଡିହୀ, ୯। ୬(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପରିସରରେ ଜିଲାପାଳଙ୍କ ନିର୍ଦ୍ଦେଶରେ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏମଏଫ ଅଧୀନରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଯୁବତୀଯୁବକ ଅଂଶ ଗ୍ରହଣ କରିଥିଲେ। ଡିଏମଏଫର ସିନିୟର୍ ପ୍ରୋଜେକ୍ଟ ଅଫିସର ଆର୍ଯ୍ୟ ଅପର୍ଣ୍ଣା ଦାଶ, ମୀନାକ୍ଷୀ ମୋନାଲିସା ଜେନା, ସତ୍ୟବ୍ରତ ବାରିକ, ବିଶ୍ୱଜିତ ବେହେରା, ଅଭିଳାଷ ଶତପଥୀ, ନବୀନ ନାୟକ, ନରହରି ନାୟକ, ବିକାଶ ଜେନା, ପଙ୍କଜ ତ୍ରିପାଠୀ, ପ୍ରଶାନ୍ତ ସେଠୀ, ପ୍ରଫୁଲ୍ଲ ମାଝି, ବିନୟ ମଲ୍ଲିକ, ବିନୋଦ ସାହୁ, ପ୍ରଲିପ୍ତା ପ୍ରିୟଦର୍ଶିନୀ ଜେନା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ମୋରମ ଧସିବା ଘଟଣା ନେଇ ମାମଲା ରୁଜୁ

କେନ୍ଦୁଝର, ୯।୬ (ସ୍ୱ.ପ୍ର.)- କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ତୁଳସୀଚଉରା ଗ୍ରାମରେ ମୋରମ ଖଣି ଦୁର୍ଘଟଣାରେ ଶନିବାର ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ସେମାନଙ୍କୁ କାମରେ ଲଗାଇଥିବା ଟ୍ରାକ୍ଟର ମାଲିକଙ୍କ ନାମରେ ଏକ ମାମଲା (ନଂ.୧୫୬/୨୦୧୯)ରୁଜୁ କରିଛି । ଘଟଣା ସ୍ଥଳରୁ ଟ୍ରାକ୍ଟରକୁ ପୋଲିସ ଜବତ କରିଥିଲା । ଟ୍ରାକ୍ଟର ଚାଳକ ଫେରାର ଥିବାରୁ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଆହତ ହୋଇ ଚିକିତ୍ସାଧୀନ ଥିବା ମହିଳା ଶ୍ରମିକଙ୍କ ଅବସ୍ଥା ଭଲ ଥିବା ଟାଉନଥାନା ଅଧିକାରୀ ସୋମନାଥ ଜେନା ସୂଚନା ଦେଇଛନ୍ତି।

### ମରଣ ଯନ୍ତା ପାଲଟିଛି ଶାଳପଡା ଅଣ୍ଡରପାସ୍

ଆନନ୍ଦପୁର, ୯। ୬(ସ୍ୱ.ପ୍ର.)- ୨୦ ନଂ ଜାତୀୟ ରାଜପଥର ଗୁରୁତ୍ୱପୂର୍ଣ୍ଣ ଛକ ସ୍ଥାନ ଭାବେ ଜଣାଶୁଣା ଆନନ୍ଦପୁର ପୌରପରିଷଦର ଶାଳପଡା ଛକ ଠାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଅଣ୍ଡରପାସ୍ ନିର୍ମାଣ କରାଯାଇଥିଲା। ଏହି ଛକ ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥକୁ ସଂଲଗ୍ନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ଅଣ୍ଡରପାସ୍‌କୁ ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଏକ କନଷ୍ଟ୍ରକ୍ସନ କମ୍ପାନୀ ଯେନତେନ ପ୍ରକାର ନିର୍ମାଣ କରି ଅଧପନ୍ତରିଆ ଭାବେ ଛାଡି ଚାଲିଯାଇଛି। ଏହି ଅଣ୍ଡରପାସ୍ ଏବେ ନଷ୍ଟ ହେବାକୁ ବସିଛି। ଅଣ୍ଡରପାସ୍‌ରେ ବଡ ବଡ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏହାର ମରାମତି ଦିଗରେ ସଠିକ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ହଦଗଡ଼ ଡ୍ୟାମ୍ ସୁରକ୍ଷା ନେଇ ପ୍ରଶ୍ନବାଚୀ

- ପୁରୁଣା ସୁରକ୍ଷାବାଡା ଭାଙ୍ଗି ନିମ୍ନମାନର କାର୍ଯ୍ୟ
- ହେଉନି ଉପଯୁକ୍ତ ତଦାରଖ
- ପର୍ଯ୍ୟଟକଙ୍କ ପାଇଁ ବିପଦ

ଶୁଭକାନ୍ତ ନାୟକ
ହାଟଡିହୀ, ୯।୬


ହଦଗଡ଼ ନଦୀବନ୍ଧ।

କେନ୍ଦୁଝର ଓ ଭଦ୍ରକ ଜିଲାକୁ କେନାଲ ଯୋଗେ ଜଳସେଚନ ସୁବିଧା ଯୋଗାଉଥିବା ହଦଗଡ଼ ଡ୍ୟାମର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ ପଞ୍ଚାୟତ ଦେଇ ପ୍ରବାହିତ ସାଳନ୍ଦୀ ନଦୀ ଉପରେ ଡ୍ୟାମ ନିର୍ମାଣ କରାଯାଇ ବିଦ୍ୟାଧରପୁରଠାରେ ନିର୍ମିତ ବ୍ୟାରେଜରୁ ବାମ ଓ ଦକ୍ଷିଣ ପାର୍ଶ୍ୱ କେନାଲରେ ଚାଷ ଜମିକୁ ଜଳ ଯୋଗାଯାଉଛି। ମନୋରମ ପରିବେଶ ଯୋଗୁ ହଦଗଡ ଡ୍ୟାମ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତି ଲାଭ କରିଛି। ଏହି ଡ୍ୟାମର ସୁରକ୍ଷାବାଡା ଦୁର୍ବଳ ହୋଇପଡ଼ିବା ପରେ ତାହାକୁ ଭାଙ୍ଗି ସେଠାରେ ନୂତନ ଭାବେ ସୁରକ୍ଷା ବାଡା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଲାଗି ୪୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଏହାସତ୍ତ୍ୱେ ନିମ୍ନମାନର ଲୁହାଛଡ଼ ବ୍ୟବହାର ସାଙ୍ଗକୁ ଢଳେଇ କାମ କରାଯାଉଥିବାରୁ ସୁରକ୍ଷାବାଡାର ସ୍ଥାୟୀତ୍ୱ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ନଦୀବନ୍ଧ ଯୋଜନାରେ ନିର୍ମାଣ ହେଉଥିବା ପ୍ରକଳ୍ପର ସୁରକ୍ଷା ଲାଗି ସରକାରୀସ୍ତରରେ ଗୁରୁତ୍ୱ ଦିଆଯାଉଥିବାବେଳେ ପ୍ରଶାସନିକସ୍ତରରେ ଏହାକୁ ଅଣଦେଖା କରାଯିବା ଚିନ୍ତାର କାରଣ ହୋଇଛି। ୧୯୬୦ ମସିହାରେ ହଦଗଡ଼ ଡ୍ୟାମ ନିର୍ମାଣ ଆରମ୍ଭ ହୋଇ ୧୯୭୬ ମସିହାରେ ଶେଷ ହୋଇଥିଲା। ବନ୍ଧର ଉଚ୍ଚତା ପ୍ରାୟ ୮୫.୯୫ ମିଟର। ସେଠାରେ ୩ଟି ସ୍ଲୁଇସ ଗେଟ୍ ରହିଛି ଯାହାଦ୍ୱାରା ନଦୀକୁ ଜଳ ନିଷ୍କାସନ କରାଯାଉଛି। ଉଲ୍ଲେଖନୀୟ ଯେ, ହଦଗଡ଼ ଡ୍ୟାମର ମନୋରମ ପରିବେଶର ଶୋଭା ଉପଭୋଗ କରିବାକୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଏହି ସ୍ଥାନ ବୁଲି ଦେଖିବାକୁ ଆସୁଛନ୍ତି। ସେମାନେ ଡ୍ୟାମ ଉପରେ ବିଶାଳ ଜଳଭଣ୍ଡାରର ନୀଳ ଜଳରାଶିର ଶୋଭା ଉପଭୋଗ କରିଥାନ୍ତି। ଶୀତ ଋତୁରେ ଅନେକ ପର୍ଯ୍ୟଟକ ମଧ୍ୟ ଏଠାକୁ ବଣଭୋଜି କରିବାକ ଆସିଥାନ୍ତି। ଡ୍ୟାମର ସୁରକ୍ଷାବାଡ଼ା ଦୁର୍ବଳ ହେବା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଥିଲେ। ଏହାପରେ ବ୍ୟୟ ଅଟକଳ ହୋଇ ବିଦ୍ୟାଧରପୁର ସବ୍‌ଡିଭିଜନ ପକ୍ଷରୁ ପ୍ରାୟ ମାସେ ହେବ ନୂତନ ବାଡ଼ା ନିର୍ମାଣ କରାଯାଉଛି। ପୁରୁଣା ବାଡ଼ାକୁ ଭାଙ୍ଗି ବାଲି, ସିମେଣ୍ଟ ଭାଗ କମ୍ ଦିଆଯାଇ ନୂତନ ବାଡ଼ା ନିମ୍ନମାନର କରାଯାଉଥିବାରୁ ଡ୍ୟାମ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଦେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରିକି କୌଣସି ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ଆସୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହଦଗଡ଼ ଡ୍ୟାମର ସୁରକ୍ଷା ଲାଗି ନିର୍ଦ୍ଧାରିତ ଅଟକଳ ଅନୁସାରେ ନିର୍ମାଣ କାମ କରାଯିବା ସାଙ୍ଗକୁ କ୍ୱାଲିଟି କଣ୍ଟ୍ରୋଲ ଟିମ୍ ଦ୍ୱାରା ମାନ ପରୀକ୍ଷା କରାଯିବା ସକାଶେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅମୂଲ୍ୟ ରାଉତଙ୍କୁ ପଚାରିବାରୁ କହିଛନ୍ତି, ଠିକାଦାରଙ୍କ ଦେହ ଖରାପ ଥିବାରୁ ତାଙ୍କ ଲୋକ ସୁରକ୍ଷାବାଡା ନିର୍ମାଣ କରୁଛନ୍ତି। କାମରେ କୌଣସି ଅନିୟମିତତା ହୋଇଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ଫଳକ କାହିଁକି ଲଗାଯାଇନାହିଁ ପଚାରିବାରୁ ସେଭଳି ବ୍ୟବସ୍ଥା ବିଭାଗ ପକ୍ଷରୁ ହୋଇ ନ ଥିବା ସେ କହିଛନ୍ତି।

# ଅଘୋଷିତ ବିଦ୍ୟୁତକାଟ: ଲୋକେ ହଇରାଣ

ଆନନ୍ଦପୁର, ୯।୬(ସ୍ୱ.ପ୍ର.)

ଆନନ୍ଦପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଅସହ୍ୟ ତାତି ସାଙ୍ଗକୁ ଗୁଳିଗୁଳି ଲୋକଙ୍କ ବେହାଲ କରୁଥିବାବେଳେ ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା ଲୋକଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି କରୁଛି। ବିଶେଷ କରି ଆନନ୍ଦପୁର,ଶାଳପଡା ଓ ଘସିପୁରା ଅଞ୍ଚଳରେ ବିଦ୍ୟୁତ କାଟ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅସହ୍ୟ ଗରମ ଯୋଗୁ ଲୋକେ ଘରେ ଭିତରେ ରହିବା କଷ୍ଟକର ହୋଇପଡୁଛି। ଗୋଟିଏ ପଟେ ବାରମ୍ବାର ବିଦ୍ୟୁତକାଟ ଅନ୍ୟ ପଟେ ଦିନ ୮ଟା ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଜଳିବା ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାର ସ୍ପଷ୍ଟ ପ୍ରମାଣ ମିଳୁଛି। ବିଭିନ୍ନ ସମୟରେ ମରାମତି ଆଳରେ ଘଣ୍ଟା ଘଣ୍ଟା ବିଦ୍ୟୁତକାଟ କରାଯାଉଥିବାବେଳେ ମରାମତି କାର୍ଯ୍ୟ କେବେ ବି ସରୁ ନ ଥିବା ଦେଖାଯାଇଛି। ସେହିଭଳି ଗୋଟିଏ ଟ୍ରାନ୍ସଫର୍ମର କୌଣସି କାରଣରୁ ପୋଡିଗଲେ ତାହା ମରାମତି ହେବା କିମ୍ବା ନୂତନ ଭାବେ ଲଗାଯିବାକୁ ନେଇ ଦୀର୍ଘ ଦିନ ବିତିଯାଉଛି। ଏନେଇ ବିଦ୍ୟୁତ ବିଭାଗର ଅପାରଗତାକୁ ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଦାୟି କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ଚେତାବନୀ ଦିଆଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ରୋଗୀ ଫେରିଲେ ଘରକୁ

- କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି


ରୋଗୀ ମାନେ ସ୍ୱାସ୍ଥ୍ୟ କେନ୍ଦ୍ର ବାହାରେ ଅପେକ୍ଷା କରିଛନ୍ତି।

ପାଟଣା, ୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ମୁଖ୍ୟ ଫାଟକରେ ଚାବି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଡାକ୍ତରଙ୍କ ଭେଟ ନ ପାଇ ନିରାଶ ହୋଇ ଘରକୁ ଫେରିଛନ୍ତି। ମେଡିକାଲର ମୁଖ୍ୟ ଫାଟକରେ ଶନିବାର ଚାବି ପଡିଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ସୁପ୍ରକାଶ ଶତପଥୀଙ୍କୁ ପଚାରିବାରୁ ଡାକ୍ତର ଖାନାର ସମସ୍ତ କର୍ମଚାରୀମାନେ ବିନା ଅନୁମତିରେ ଶନିବାର ଏଚଆରଏମଏସ ପ୍ରୋଟୋଲରେ ଡାଟା ଏଣ୍ଟ୍ରି ପାଇଁ ପାଟଣା ମୁଖ୍ୟାଳୟ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚାଲି ଯାଇଥିଲେ। ଏଥିପାଇଁ ଦାୟୀ କର୍ମଚାରୀଙ୍କୁ କାରଣ ଦର୍ଶାଅ ଚିଠି ଜାରି କରାଯାଇଛି। ରାଜନଗର ମେଡିକାଲରେ ଡାକ୍ତର ପଦବୀ ଖାଲି ପଡ଼ିଛି। ଜଣେ ମାତ୍ର ଫାର୍ମାସିଷ୍ଟ ଓ ଆୟୁଷ ଡାକ୍ତରରେ ଡାକ୍ତରଖାନା ଚାଲିଛି। ତେବେ ଫାଟକରେ ଚାବି ପଡିଥିବାରୁ ଆୟୁଷ ଡାକ୍ତର ସଂଘମିତ୍ରା ପ୍ରଧାନ ଡାକ୍ତରଖାନାକୁ ଆସି ଫେରିଯାଇଥିବା କଥା ସେ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଏଥିପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଧୂଳିଧୂଆଁରେ ଅସ୍ତବ୍ୟସ୍ତ ଜୁରୁଡ଼ି-ବାମେବାରୀ



ଜୁରୁଡି-ବାମେବାରୀ ରାସ୍ତାରେ ଟ୍ରାଫିକ ଜାମ୍।

ଯୋଡ଼ା, ୯।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ତଥା ଖଣିଜ ଶିଳ୍ପ ସମୃଦ୍ଧ ଜୁରୁଡି ଖଣି ଅଞ୍ଚଳ ଶନିବାର ସମ୍ପୂର୍ଣ୍ଣ ଟ୍ରାଫିକ ଜାମ୍ ହୋଇଯାଇଥିଲା। ଏହା ଏବେ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ରାଜ୍ୟ ରାଜପଥ ନଂ ୨ ଜୁରୁଡି-ବାମେବାରୀ ରାସ୍ତାର ହେଁସାବେଡା ଛକଠାରୁ ଜୁରୁଡି ଛକ ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହୁଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି । ଖବର ନେବାରୁ ଜଣାଯାଏ ଯେ, ଏହି ରାସ୍ତା ଦେଇ ବିଭିନ୍ନ ଖଣି କମ୍ପାନୀର ହଜାର ହଜାର ଖଣିଜ ବୋଝେଇ ଡମ୍ପର ଓ ଟ୍ରକ ଜୁରୁଡି ରେଳ ସାଇଡିଂ, ବାଂଶପାଣି ରେଳ ସାଇଡିଂ ଓ ନୟାଗଡ ରେଳ ସାଇଡିଂକୁ ପରିବହନ କରୁଛନ୍ତି। ଫଳରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି ଓ ଏପରିକି ବିଭିନ୍ନ ସ୍ଥାନରେ ଖାଲଢିପ ସୃଷ୍ଟି ହୋଇଛି। ଏହି ଖାଲଢିପରେ ଗାଡ଼ିଗୁଡିକ ପଡିଯିବାରୁ ସେଗୁଡ଼ିକର ଯନ୍ତ୍ରାଂଶ ଭାଙ୍ଗିଯିବା ସହିତ ଦୁର୍ଘଟଣା ଘଟୁଛି ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାକୁ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ବ୍ୟବହାର କରୁଥିଲେ ହେଁ ଏହି ରାସ୍ତାରେ ପାଣି ସିଞ୍ଚନ କରୁ ନ ଥିବା ସ୍ଥାନୀୟ ଜୁରୁଡିର ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ମହାନ୍ତି, ବୀର ପେଣ୍ଠେଇ, ଦାସ ପେଣ୍ଠେଇ, ଶେର ମହମ୍ମଦ, ମଧୁ ମାହାଲା ପ୍ରମୁଖ ଅଭିଯୋଗ କରିଛନ୍ତି। ହଜାର ହଜାର ଟ୍ରକ, ଡମ୍ପର ଯାତାୟାତ ଯୋଗୁ ଧୂଳି ଉଡିବାରୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଭାବିତ ହେଉଛନ୍ତି। ଖଣି କମ୍ପାନୀମାନେ ଶୃଙ୍ଖଳିତ ବ୍ୟବସ୍ଥାରେ ପରିବହନ କାର୍ଯ୍ୟ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଜଟିଳ ସମସ୍ୟା ଦେଖାଦେଇଛି । ଏଥିପାଇଁ ଅଧିକାଂଶ ସମୟରେ ସ୍କୁଲବସ୍ , ଯାତ୍ରୀବାହୀ ବସ୍, ୧୦୮, ୧୦୨ ଆମ୍ବୁଲାନ୍ସ, ବିଭିନ୍ନ ଖଣି କମ୍ପାନୀର ଆମ୍ବୁଲାନ୍ସ ଅଟକି ରହୁଛି । ଧୂଳି ହେତୁ ପ୍ରଦୂଷଣର ମାତ୍ରା ଏତେ ବଢିଯାଇଛି ଯେ ଘରେ ଥିବା ପାଣି, ଖାଦ୍ୟ ପଦାର୍ଥ ଏବଂ ପୋଷାକ ଉପରେ ଧୂଳିର ଆସ୍ତରଣ ଜମିଯାଉଛି । ବାଇକ ଓ ଚାରି ଚକିଆ ଯାନରେ ଯିବାବେଳେ ଏହି ଧୂଳି ଯୋଗୁ ସମ୍ମୁଖରେ କିଛି ଦେଖାଯାଏନାହିଁ । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ । ଭିତ୍ତିଭୂମିର ବିକାଶ ନ କରି କେବଳ ରାଜସ୍ୱ ଲୋଭରେ ହଜାର ହଜାର ଖଣିଜ ବୋଝେଇ ଟ୍ରକ ପରିବହନ କରିବା ପାଇଁ ଅନୁମତି ଦିଆଯାଉଛି। ଅନ୍ୟପକ୍ଷେ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍ଏଫ୍)ରେ କୋଟି କୋଟି ଟଙ୍କା ଜିଲା ରାଜକୋଷରେ ଥାଇ ମଧ ଖଣିପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ କରାଯାଉ ନ ଥିବା ସୁରେନ୍ଦ୍ର ନାଥ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

କେନ୍ଦୁଝର, ୯।୬(ଡି.ଏନ.ଏ.)

କେନ୍ଦୁଝର ଜିଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ସଭାଗୃହରେ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଜିଲା ପ୍ରଶାସନ ଆନୁକୂଲ୍ୟରେ 'ମେଧା ସମ୍ମାନ ସମାରୋହ - ୨୦୧୯'' ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୧୯ ମାଟ୍ରିକ ପରୀକ୍ଷାରେ ସମଗ୍ର ଜିଲାରୁ ଏ-ୱାନ ପାଇଥିବା ମୋଟ ୪୧ଜଣ ଛାତ୍ରୀଛାତ୍ର ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଥିବା ୩୫ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ମେଧା ସମ୍ମାନ ସମାରୋହରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଯୋଗଦେଇଥିଲେ। ଜିଲାପାଳ ଆଶିଷ ଠାକରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବେସିକ୍ ଠିକ୍ ରହିଲେ ସଫଳତା ମିଳିବ ବୋଲି କହିଥିଲେ। ଏହି ଅବସରରେ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶାଳପଡ଼ାକୁ କେନ୍ଦୁଝର ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

### ଛାତ୍ର ବୃତ୍ତି ପାଇଁ ୪ ମନୋନୀତ

ହାଟଡିହୀ, ୯।୬(ଡି.ଏନ୍.ଏ.)

ନରେନ୍ଦ୍ର ନାଥ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଚଣ୍ଡିଆ ବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ୪ ଜଣ ଛାତ୍ର ବୃତ୍ତି ପାଇଁ ମନୋନୀତ ହୋଇଛନ୍ତି। କୌଶୁଭ ପଣ୍ଡା, ଶୁଭମ ଶାଶ୍ୱତୀ ସେନାପତି, ଆଦିତ୍ୟ ନାରାୟଣ ସ୍ୱାଇଁ, ପ୍ରୀତି ରଞ୍ଜନ ପାଢୀ ପ୍ରମୁଖ ମନୋନୀତ ହୋଇଥିବା ହାଇସ୍କୁଲ ତରଫରୁ ସୂଚନା ମିଳିଛି।

# ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା ଡେସ୍କ ଉଦ୍‌ଘାଟିତ

କେନ୍ଦୁଝର, ୯।୬ (ସ୍ୱ.ପ୍ର.)

ଶନିବାର ଅପରାହ୍ନରେ କେନ୍ଦୁଝର ଜିଲା ସିଭିଲ୍ କୋର୍ଟ ପରିସରରେ ଓଡ଼ିଶା ହାଇକୋର୍ଟର ରାଜ୍ୟ ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ସଞ୍ଜୁ ପଣ୍ଡାଙ୍କ ଦ୍ୱାରା ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା ଡେସ୍କ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଡେସ୍କ କାର୍ଯ୍ୟକାରୀ ହେବା ଦ୍ୱାରା ଲୋକେ ଅଦାଲତରେ ମାମଲା ଦାଖଲ ପୂର୍ବରୁ ପ୍ରାକ୍ ମକଦ୍ଦମା ଡେସ୍କ ମାଧ୍ୟମରେ ବିବାଦର ଆପୋସ ସମାଧାନ କରାଇପାରିବେ। ପାରିବାରିକ ସମସ୍ୟା ଜମି ଗଣ୍ଡଗୋଳ, ବ୍ୟବସାୟିକ ସମସ୍ୟା ତଥା ଅନ୍ୟାନ୍ୟ ସମସ୍ୟାର ସମାଧାନ ନିମନ୍ତେ ଲୋକେ ଥାନାରେ ଏଫ୍‌ଆଇଆର୍ ଦରଜ ନକରି ମଧ୍ୟସ୍ଥତା ଜରିଆରେ ଗଣ୍ଡଗୋଳର ବୁଝାମଣା କରିପାରିବେ। ଉକ୍ତ ଡେସ୍କ/କେନ୍ଦ୍ର କାର୍ଯ୍ୟକାରୀ ହେବା ଫଳରେ କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ମକଦ୍ଦମା ସଂଖ୍ୟା ହ୍ରାସ କ୍ଷେତ୍ରରେ ଏହା ସହାୟକ ହୋଇପାରିବ। କେନ୍ଦୁଝର ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉଦ୍‌ଘାଟନୀ ସମାରୋହ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ରାମନାଥ ପଣ୍ଡା, ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଭିଜିଲାନ୍ସ ପ୍ରଦ୍ୟୁମ୍ନ କୁମାର ନାୟକ, ପରିବାର ଅଦାଲତ ବିଚାରପତି ମିନତି କୁମାରୀ ପଣ୍ଡା, ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଚିରଞ୍ଜନ ପାତ୍ର, ଜିଲା ଆଇନ୍ ସେବା ପ୍ରାଧୀକରଣର ସଚିବ ବନାଲୀ ତ୍ରିପାଠୀ, ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ, ଚିନ୍ମୟୀ ରଥ, ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ ଶିଶିର କୁମାର ସାହୁ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ମ୍ୟାନେଜର ସିଭିଲ୍ କୋର୍ଟ ମାନସ ରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲା ଅଧିବକ୍ତା ସଂଘର କର୍ମକର୍ତ୍ତା, ଆଇନ୍‌ଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଡେସ୍କ ଉଦ୍‌ଘାଟନ ପରେ ନ୍ୟାୟମୂର୍ତ୍ତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଆଇନ୍ ସେବା ପ୍ରାଧୀକରଣର ଅନ୍ୟାନ୍ୟ ଡେସ୍କ ପରିଦର୍ଶନ କରିଥିଲେ।

# ଜିଲାସ୍ତରୀୟ ଯୋଗ ପ୍ରଶିକ୍ଷଣ


ଯୋଗ ଶିକ୍ଷା ଦିଆଯାଉଛି।

କେନ୍ଦୁଝର, ୯।୬(ଡି.ଏନ୍.ଏ.)

ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ମିଶନ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏହି ସଭାରେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସଭାପତିତ୍ୱ କରି ନିଜ ବକ୍ତବ୍ୟରେ ଯୋଗର ସୁଫଳ ଏବଂ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିବା ପାଇଁ ଶିବିରାର୍ଥୀଙ୍କୁ ମାର୍ଗଦର୍ଶନ କରାଇବା ସହିତ ସମସ୍ତ ବିଦ୍ୟାଳୟରେ ଯୋଗ କ୍ଲବ ଗଠନ କରିବା ପାଇଁ ଶାରିରୀକ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗର ଉପକାରିତା, ଚରିତ୍ର ଗଠନ, ଶୃଙ୍ଖଳିତ ଜୀବନଯାପନ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଜୁନ୍ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବାବେଳେ ୧୨୦ଜଣ ଶାରିରୀକ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ସର୍ଦ୍ଦାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାରେ ଚିମିଳା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

ଚମ୍ପୁଆ, ୯।୬(ଡି.ଏନ.ଏ.)




ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମାତ୍ର ଅନେକ ସ୍ଥାନରେ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ଯୋଗୁ ଏହି ଲକ୍ଷ୍ୟ ପୂରଣ କରାଯାଇ ପାରୁନାହିଁ। ଫଳରେ ଆର୍ଥିକ ଦୁର୍ବଳ ରୋଗୀମାନେ ଉଚିତ୍ ସେବା ପାଇବାକୁ ଆର୍ଥିକ ଦୁରବସ୍ଥାର ସମ୍ମୁଖୀନ ହୋଇଛନ୍ତି। ସୂଚନା ଅନୁସାରେ ଚଳିତ ବର୍ଷ ଫେବୃୟାରୀରେ ଚିମିଳା ସ୍ୱାସ୍ଥ୍ୟକେନ୍ଦ୍ର ନୂତନଠାରେ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ ଓ ସରଳ କରିବା ପାଇଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ରୋଗୀମାନେ ନବୀକରଣ ସ୍ୱାସ୍ଥ୍ୟସେବା ପାଇବେ ବୋଲି ଆଶା କରିଥିଲେ। ମାତ୍ର ଡାକ୍ତର ଓ କର୍ମଚାରୀ ଅଭାବ ପାଇଁ ଏହି ସେବା ଯୋଗାଯାଇ ପାରୁନାହିଁ ବୋଲି ଜଣାଯାଇଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପାଇଁ ଡାକ୍ତର, ଲାବୋରେଟୋରି ଟେକ୍ନିସିଆନ, ଷ୍ଟାଫ ନର୍ସ ଓ ରାତ୍ରି ଜଗୁଆଳି ପଦ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରୁ ନାହିଁ। ଫାର୍ମାସିଷ୍ଟ ପଦବୀ ମଧ୍ୟ ଖାଲି ପଡିଛି। ପ୍ରତ୍ୟହ ୩୦ରୁ ୬୦ ରୋଗୀ ନିର୍ଭର କରୁଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପାଚେରି ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ହାତୀ ଭଙ୍ଗି ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ମରାମତି ହୋଇପାରୁ ନାହିଁ। ନିରାମୟ ଯୋଜନାରେ ଏଠାରେ ସମୁଦ୍ରକୁ ଶଙ୍ଖେ ଭଳି ଔଷଧ ପ୍ରଦାନ କରାଯାଉଥିବା ବେଳେ ଅନେକ ସମୟରେ ବହୁ ଔଷଧ ମିଳି ପାରୁନାହିଁ। ଫଳରେ ରୋଗୀ ୯ କି.ମି. ଦୂର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି ତ କେତେବେଳେ ବାଧ୍ୟ ହୋଇ ୬୦ କି.ମି. ଦୂର ଜିଲା ଚିକିତ୍ସାଳୟ ଉପରେ ନିର୍ଭର କରି ଚାଲିଛନ୍ତି। ଆନୁଷଙ୍ଗିକ ବ୍ୟବସ୍ଥା ଓ ଖାଲି ଥିବା କର୍ମଚାରୀଙ୍କ ପଦବୀ ପୂରଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସହାୟତା ଅପେକ୍ଷାରେ ବିତୁଛି ଦିନ

ଆନନ୍ଦପୁର, ୯।୬(ସ୍ୱ.ପ୍ର.)


ରୋଗଶଯ୍ୟାରେ ଅସହାୟ ସୁବାସିନୀ ।

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଶାଳଦେଇ ଗ୍ରାମରେ ସୁବାସିନୀ ଓଝା(୪୩) ନାମ୍ନୀ ଜଣେ ଅସହାୟା ମହିଳା ରୋଗାକ୍ରାନ୍ତ ହୋଇ ଭୋକ ଉପାସରେ ଦିନ ବିତାଉଛନ୍ତି। ୨ବର୍ଷ ତଳେ ତାଙ୍କ ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଏବେ ସୁବାସିନୀ ଏକ ଟ୍ୟୁମର ରୋଗର ଶିକାର ହୋଇ ବିଛଣାରେ ପଡିରହିଛନ୍ତି। ସେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ ଅର୍ଥାଭାବରୁ ଔଷଧ କିଣି ପାରୁ ନାହାନ୍ତି। ଅଧିକ ଚିକିତ୍ସା ପାଇଁ ସେ ଘସିପୁରା ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଗୁହାରି କରିଥିବା କହିଛନ୍ତି। ସୁବାସିନୀ କହିଛନ୍ତି, ସରକାରଙ୍କ ପକ୍ଷରୁ ମିଳିଥିବା ରାଶନ୍ କାର୍ଡ଼ ଖଣ୍ଡିକ ତାଙ୍କ ଲାଗି ଭରସା ସାଜିଛି। ଏକ ଭଙ୍ଗା ଦଦରା ମାଟିଘରେ ସେ ମୁଣ୍ଡ ଗୁଞ୍ଜି ରହୁଥିଲେ ମଧ୍ୟ ସରକାରୀ ଆବାସ ଯୋଜନାରେ ତାଙ୍କୁ ଘର ମିଳିନାହିଁ । ଏପରି କି ସରକାରଙ୍କ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ତାଙ୍କୁ ମିଳିବାକୁ ଥିବା ୨୦ ହଜାର ଟଙ୍କା ଏଯାଏ ମିଳି ନ ଥିବା ସେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏବେ ଚିକିତ୍ସା ସହାୟତା ଲାଗି ସେ ପ୍ରଶାସନକୁ ଆବେଦନ କରି ଚାହିଁ ବସିଥିବା କହିଛନ୍ତି। ତାଙ୍କର ନିଜର ବୋଲି ଅନ୍ୟ କେହି ନ ଥିବାରୁ ଏହି ଅସହାୟ ବିଧବା ମହିଳାଙ୍କ ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।